


## କାର ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ବୋରିଗୁମ୍ମା, ୨୭।୨(ସମିସ):** ବୋରିଗୁମ୍ମା ଥାନା ୬୩ନମ୍ବର ଜାତୀୟ ରାଜପଥ କୋଷାଗୁଡା ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଧକ୍କା ଦେବାରୁ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ଏସଏଲଏନ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ବୋରିଗୁମ୍ମା ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଗାଡ଼ି ଚାରୋଟିକୁ ଜବତ କରିଛି। କାରର ଗତି ଅତ୍ୟଧିକ ଥିବା ଓ ଓଭରଟେକ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାନୁସାରେ କୋଟପାଡ଼ ପଟରୁ ବୋରିଗୁମ୍ମା ଅଭିମୁଖେ ଦୁଇଟି କାର ଆସୁଥିଲା ପ୍ରଥମ କାରକୁ ପଛପଟୁ ଅନ୍ୟ କାର ଧକ୍କା ଦେଇଥିଲା। ଫଳରେ ପ୍ରଥମ କାରଟି ଭାରସାମ୍ୟ ହରାଇ ସମ୍ମୁଖରୁ ଆସୁଥିବା ସ୍କୁଟି ଓ ଏକ ବାଇକକୁ ଧକ୍କା ଦେଇଥିଲା।

## ବ୍ୟାଙ୍କରେ ଚୋରି ଉଦ୍ୟମ ବିଫଳ



**ନନ୍ଦାହାଣ୍ଡି, ୨୭।୨(ସମିସ):** ବିଳମ୍ବିତ ରାତ୍ରିରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ସଦର ପଞ୍ଚାୟତ ଗୃହ ପାଖରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଚୋରି ଉଦ୍ୟମ ହୋଇଛି। ମଧ୍ୟରାତ୍ରିରେ କିଛି ଦୁର୍ବୃତ୍ତ ବ୍ୟାଙ୍କର ପଛପଟ ଥିବା କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଏହି ସମୟରେ ବ୍ୟାଙ୍କରେ ଲାଗିଥିବା ସାଇରନ ବାଜିବା ଯୋଗୁଁ ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ସକାଳୁ ବ୍ୟାଙ୍କ ମ୍ୟାନେଜର ବ୍ୟାଙ୍କ ଖୋଲିବା ସମୟରେ ଚୋରି ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ କାଳ ବିଳମ୍ବ ନ କରି ନବରଙ୍ଗପୁର ପୁଲିସକୁ ସେ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଘଟଣା ସ୍ଥଳରେ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଏକ ଭୁଜାଲି ବ୍ୟାଙ୍କ ପଛରେ ପଡ଼ିଥିବାବେଳେ ଜବତ କରିଛି। ବ୍ୟାଙ୍କରେ କୌଣସି ଟଙ୍କା ବା ଆସବାବପତ୍ର ଚୋରି ହୋଇ ନ ଥିବାବେଳେ ବ୍ୟାଙ୍କରେ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିବା ଦେଖି କମ୍ପ୍ୟୁଟର ହାଡ୍ ଡିସ୍କ ଦୁର୍ବୃର୍ତ୍ତମାନେ ନେଇଯାଇଥିବା ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ଦଣ୍ଡସେନା ସୂଚନା ଦେଇଛନ୍ତି।

### ଜୋନ୍-'କ'ରେ ବିଜେଡିର ବିଶାଳ ସମାବେଶ

# ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନାରେ ଉପାନ୍ତ ରାୟଗଡ଼ା ଆଜି ବିକଶିତ

**ରାୟଗଡ଼ା,୨୭।୨(ସମିସ):**



ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ଉପାନ୍ତ ରାୟଗଡ଼ା ଜିଲ୍ଲା ବିକଶିତ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୩ ବର୍ଷର ସୁଶାସନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ସଶକ୍ତିକରଣ ନିମନ୍ତେ ମିଶନ ଶକ୍ତି, ଲୋକଙ୍କୁ ବିଏସକେୱାଇ କାର୍ଡର ସୁବିଧା, ଲକ୍ଷ୍ମୀ ବସ ସେବା, '୫-ଟି' ରୂପାନ୍ତରଣ ହାଇସ୍କୁଲ, ମେଗା ପାନୀୟ ଜଳ ପ୍ରକଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ରାସ୍ତାଘାଟ, ଶିଳ୍ପାନୁଷ୍ଠାନ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗୀକରଣ ସହିତ କୃଷି ଓ କୃଷକ ସଶକ୍ତୀକରଣ ଦିଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ଏପରିକି କାଳିଆ ଯୋଜନା, ଜମିକୁ ଜଳ ସେଚନର ବ୍ୟବସ୍ଥା, ବିଜୁଳି, ଟେଲିକମ୍, ବ୍ୟାଙ୍କ ସେବାରେ ରାଜ୍ୟବାସୀ ଉପକୃତ ହେଉଥିବାବେଳେ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତାରାଶି ବୃଦ୍ଧି, ଗ୍ରାମୀଣ ବେରୋଜଗାର ଯୁବକଯୁବତୀଙ୍କୁ ସ୍ୱୟଂମ ଯୋଜନା, ଏସଏଚଜି ଗ୍ରୁପ୍ ମହିଳା ସଦସ୍ୟାଙ୍କୁ ବିନା ସୁଧରେ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଘୋଷଣା କରିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଭଳି ଅନେକ ଯୋଜନା କରି ରାଜ୍ୟର ବିକାଶ ଦିଗରେ ନିରନ୍ତର ସେବା ଯୋଗାଇ ଆସୁଛନ୍ତି ବୋଲି ନିର୍ବାଚନୀ ସଭା ସମାବେଶରେ ଉଦବୋଧନ ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ଏନ.ଭାସ୍କର ରାଓ। ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ପରିଷଦ ଜୋନ-'କ' କୁମ୍ଭିକୋଟାଠାରେ ନାକଟି, କୁଟୁଲି, ଗୁମ୍ମା ଓ କୁମ୍ଭିକୋଟା ଗ୍ରାମ ପଞ୍ଚାୟତର ହଜାରହଜାର ସଂଖ୍ୟକ ବିଜେଡି ସମର୍ଥକ, କର୍ମୀ ଓ ସ୍ଥାନୀୟ ସାଧାରଣ ଜନତାଙ୍କ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନୀ ସଭାରେ ମୁଖ୍ୟ ଅତିଥି ରୂପେ ଭାସ୍କର ରାଓ ଯୋଗଦେଇ ରାଜ୍ୟ ବିକାଶରେ ନବୀନ ସରକାରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ରାୟଗଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାୟଗଡ଼ା ଓ କାଶିପୁର ବ୍ଲକ ସମେତ ପୌରାଞ୍ଚଳରେ ବିଜେଡି ସରକାରରେ ହୋଇପାରିଥିବା ବିକାଶମୂଳକ କାର୍ଯ୍ୟକୁ ଦେଖିଲେ ଦୁଇ ଦଶନ୍ଧି ପୂର୍ବେ ଥିବା ଏହି ଅଞ୍ଚଳରେ ବହୁ ପରିବର୍ତ୍ତନ ହୋଇଛି। ରାୟଗଡା ଜୋନ୍- 'କ'ରେ ରାସ୍ତାଘାଟ ସମସ୍ୟା ସମେତ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ଅନେକ କ୍ଷେତ୍ରରେ ଅଞ୍ଚଳର ବିକାଶ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିର ଏକ ଉଦାହରଣ ପାଲିଟିଛି ବୋଲି ଶ୍ରୀ ରାଓ ପ୍ରକାଶ କରିବା ସହ ୨୦୨୪ ସାଧାରଣ ନିର୍ବାଚନରେ କୋରାପୁଟ ଲୋକସଭା ସାଂସଦ ଆସନ ସମେତ ଜିଲ୍ଲାର ଗୁଣପୁର, ବିଷମକଟକ ଓ ରାୟଗଡ଼ା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ଏବଂ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରି ବିକାଶର ଦଳ ବିଜୁ ଜନତା ଦଳକୁ ଆହୁରି ମଜବୁତ କରିବା ବୋଲି ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାଜ୍ୟ ବିଜେଡି ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗଙ୍ଗାଧର ପୁଆଲା, ପୂର୍ବତନ ସାଂସଦ ଝିନ୍ନ ହିକକା, ତାଙ୍କ ପତ୍ନୀ ତଥା ପୂର୍ବତନ ଲୋକସଭା ସାଂସଦ ପ୍ରାର୍ଥୀନୀ କୌଶଲ୍ୟା ହିକକା, ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲ୍ଲା ପରିଷଦ ଜୋନ-କ ସଭ୍ୟ ପ୍ରଶାନ୍ତ କୁଲେସିକା, କୁମ୍ଭିକୋଟା ସରପଞ୍ଚ ଗୋପାଳ କୁଲେସିକା, ସମିତି ସଭ୍ୟ ଅନିଷ ମାଣ୍ଡାଙ୍ଗି, ନାକଟି ପଞ୍ଚାୟତ ସରପଞ୍ଚ ରୀନା ନାୟକ, ହୃଷିକେଶ କୁଲଦୀପ, ମଙ୍ଗଳଦାନ କନ୍ଧପାଣି, ଅନନ୍ତ କୁଲଦୀପ, ଦମ୍ଭୁର ବିଡିକା, କପୁର ବିଡିକା, ସଂଜୟ ଖୋସଲା, ହସ୍ତା ଖୋସଲା, ତରୁନସେନ କୁଲଦୀପ, ନିସ୍ତୁ ମାଣ୍ଡାଙ୍ଗି, ଦାଂସି ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟ ବିଜେଡି କର୍ମୀ ତଥା ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ଏହି ସମାବେଶକୁ ନେଇ ବିଜେଡି କର୍ମୀଙ୍କ ମହଲରେ ଏକ ଉତ୍ସାହ ଖେଳିଯାଇଛି।

## ପୋଖନାଗୁଡ଼ା ବାଲିଯାତ୍ରା ଉଦ୍‌ଯାପିତ

**ଡାବୁଗାଁ, ୨୭।୨(ସମିସ):**



ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଚଚରାଗୁଡା ପଞ୍ଚାୟତ ଅଧୀନ ପୋଖନଗୁଡା ଗ୍ରାମରେ ବାଲିଯାତ୍ରା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଉକ୍ତ ବାଲିଯାତ୍ରା ୫ ବର୍ଷକୁ ଥରେ ପଡୁଥିବା ବେଳେ ଗତ ୧୯ ତାରିଖରୁ ଆରମ୍ଭ ହୋଇ ଦୀର୍ଘ ୯ ଦିନ ପରେ ଉଦଯାପିତ ହୋଇଛି। ଏହି ବାଲିଯାତ୍ରାରେ ଚଚରାଗୁଡା ଓ ପୋଖନଗୁଡା ଗ୍ରାମ ମଧ୍ୟରେ ଥିବା ଏକ ସ୍ଥାନ ବାଲିଟୁଆଁରୁ ପୂଜା କରାଯାଇ ବାଲି ଓ କଳସ ଅଣାଯାଇ ଗ୍ରାମର ଗ୍ରାମଦେବତୀ ମାଁ ଠାକୁରାଣୀ ମନ୍ଦିରରେ ପହଞ୍ଚି ସେଠାରେ ସ୍ଥାପିତ କରାଇଯାଇଥାଏ। ବିଭିନ୍ନ ପ୍ରକାରର ଶସ୍ୟ ଆଣିଥିବା ବାଲି ଉପରେ ବୁଣାଯାଇ ଦେବାଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ଆଗାମୀ ବର୍ଷରେ ଗ୍ରାମରେ ଭଲ ଫସଲ ହେବା ପାଇଁ ଦେବାଦେବୀଙ୍କ ନିକଟରେ ଗୁହାରୀ କରାଯାଇଥାଏ। ସମସ୍ତ ଦେବାଦେବୀଙ୍କ ପ୍ରତୀକ ଲାଠିକୁର୍ଚି ମଣ୍ଡପରେ ଆସି ପୂଜାର୍ଚ୍ଚନା ହୋଇଥାଏ। ଠାକୁରାଣୀଙ୍କ ପୂଜାରୀଙ୍କ ଦ୍ୱାରା ଗ୍ରାମର ମହୁରିଆ ଓ ବାଦ୍ୟକାରଙ୍କ ଦ୍ୱାରା ବାଦ୍ୟ ବଜାଇ ସକାଳ ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥାଏ। ଉଦଯାପନୀ ଦିବସରେ ସମସ୍ତ କଳସ, ବିଭିନ୍ନ ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚି, ପାଲିଙ୍କି, ସିରା, ଦିଶାରି ମାନେ ବାଦ୍ୟରେ ତାଳେତାଳେ ନୃତ୍ୟ କରି ଶୋଭାଯାତ୍ରାରେ ଯାଇ ବାଲିଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ବିସର୍ଜନ କରଯାଇଥିଲା। ଏହି ଯାତ୍ରାରେ ମୁଖ୍ୟ ଅତିଥି ଭାବ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ପାପଡ଼ାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଚଚରାଗୁଡା ପଞ୍ଚାୟତ ସରପଞ୍ଚ ରଞ୍ଜୁ ଭତରା, ପୂର୍ବତନ ଚଚରାଗୁଡା ପଞ୍ଚାୟତ ସରପଞ୍ଚ ଧର୍ମାନନ୍ଦ ନାୟକ, ନାଏବ ସରପଞ୍ଚ ଯୁଧିଷ୍ଠିର ତନ୍ତୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଭକ୍ତଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ବାଲିଯାତ୍ରାରେ କେଲିଆ ଗଡ଼ର ୨୫ ଖଣ୍ଡ ଗ୍ରାମର ଲୋକମାନେ ଯୋଗ ଦେଇଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଜନ ସମାଗମ ହୋଇଥିବାବେଳେ ଉଠା ଦୋକାନୀଙ୍କ ଗହଳି ଦେଖିବାକୁ ମିଳିଥିଲା। ଏହି ବାଲିଯାତ୍ରା ପୂଜା କମିଟିର ପଦ୍ମଚରଣ ମାଝି, ଯାଦବ ମାଝି, ହେମନ୍ତ ଗୌଡ, ତ୍ରିନାଥ ମାଝି, ଭକ୍ତରାମ ମାଝି, ଲମ୍ବୁଧର ମାଝି, ଗଣପତି ନାୟକ, କେଶବ ପୂଜାରୀ, ଶୁକ୍ରୁ ନାୟକ ପ୍ରମୁଖ ଓ ଗ୍ରାମର ବହୁ ଯୁବକ ସହଯୋଗ କରିଥିଲେ।

## ଫାମ୍ପୁଣି ଏବଂ ଉମୁରୀ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ



**ଜୟପୁର/ଫାମ୍ପୁଣି,୨୭।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଫାମ୍ପୁଣି ଏବଂ ଉମୁରୀ ଗ୍ରାମପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫାମ୍ପୁଣି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ପଦ୍ମିନୀ ଗୌଡ଼ ୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ପରାଜିତ ପ୍ରାର୍ଥିନୀ ଦୂତୀ ଭୂମିଆ ୭ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ଉମୁରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନିର୍ବାଚନରେ ବିଜେଡି ସମର୍ଥିତ ଚନ୍ଦ୍ରଶେଖର ହରିଜନ ୧୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ନିକଟତମ ପ୍ରାର୍ଥୀ ସେକ ଇସମାଇଲ ମାତ୍ର ୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସରପଞ୍ଚ ଏବଂ ୱାର୍ଡ ମେମ୍ବରମାନେ ଭୋଟଦାନ କରିଥିଲେ। ଉଭୟ ଗ୍ରାମପଞ୍ଚାୟତଠାରେ ଜଣେ ଲେଖାଏଁ ୱାର୍ଡ ମେମ୍ବର ଅନୁପସ୍ଥିତ ରହିଥିଲେ। ଫାମ୍ପୁଣିଠାରେ ସମିତିସଭ୍ୟ ବାବୁ ଗୌଡ଼ ଏବଂ ଉମୁରୀଠାରେ ଜିଲ୍ଲା ପରିଷଦ ସଦସ୍ୟ ଆସ୍ତା ନାୟକ, ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ପ୍ରାର୍ଥୀମାନେ ପଞ୍ଚାୟତ କାର୍ଯ୍ୟାଳୟଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହାପରେ ନିର୍ବାଚନ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାମ୍ପୁଣି ଗ୍ରାମପଞ୍ଚାୟତ ନିମନ୍ତେ ଏପିଓ ମାନସ ରଞ୍ଜନ କର ଏବଂ ଉମୁରୀ ନିମନ୍ତେ ବ୍ଲକ ଯୋଗାଣ ନିରୀକ୍ଷକ ହରିଶଙ୍କର ମଲ୍ଲିକ ନିଯୁକ୍ତ ହୋଇଥିଲେ।

## ମା' ମାଣିକେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ବିଜୁ ଜନତା ଦଳର ପ୍ରତିବଦ୍ଧତା



**ଗୁଡ଼ାରୀ,୨୭।୨(ସମିସ):** ଶହଶହ ବର୍ଷ ଗୁଡ଼ାରୀର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ମନ୍ଦିର।.ଏହି ମନ୍ଦିରରେ ନିଜର ମନସ୍କାମନା ପୂର୍ଣ୍ଣ କରିବ ପାଇଁ କାହିଁ କେତେ ଦୂରରୁ ଭକ୍ତଙ୍କ ସୁଅ ଛୁଟୁଛି। ବିଗତ ଦିନରେ ସୁନ୍ଦର ମନ୍ଦିରର ନିର୍ମାଣ କରାଯାଇଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲାଣି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏକ କିମି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ଅଛି। ସେହି ରାସ୍ତାରେ ଭକ୍ତ ମନ୍ଦିରକୁ ଚାଲିକି ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଯାନବାହାନ ନେବାଆଣିବାରେ ମଧ୍ୟ ସମସ୍ୟା ହେଉଥିଲା। କିନ୍ତୁ ଗୁଡ଼ାରୀ ବିଜୁ ଜନତା ଦଳ ପକ୍ଷରୁ ଏହାକୁ ନୂତନ ଭାବରେ ନିର୍ମାଣ କରିବା ପାଇଁ ଆଗକୁ ବଢ଼ିଛି। ଗୁଡ଼ାରୀ ବ୍ଲକ ଏବଂ ଆଇଟିଡିଏ ତରଫରୁ ଦଶ ଲକ୍ଷ ଟଙ୍କା ମଞ୍ଜୁର କରିବା ପାଇଁ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାଶିବରାତ୍ର ପୂର୍ବରୁ ରାସ୍ତାକାମ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି ବୋଲି ଜିଲ୍ଲା ବିଜେଡି ଆୟୁତ ଉପସଭାପତି କହିଛନ୍ତି। ଗୁଡ଼ାରୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ଏହି ପୁରାତନ ମନ୍ଦିର ରାସ୍ତା କାମ ଏବଂ ଏହାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଦଳ ଅତି ଗୁରୁତ୍ୱ ସହିତ ନେବା ଜଣାପଡ଼ିଛି। ରାଜ୍ୟ ସରକାର ମନ୍ଦିର ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଉନ୍ନତ ମାନର କରିବା ପାଇଁ ସମସ୍ତ ପ୍ରକାରର ଯୋଜନା କରିଛନ୍ତି। ଖୁବ୍ ଶୀଘ୍ର ଏହାର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ୪ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ଜଣେ ଗିରଫ

**ମାଲକାନଗିରି, ୨୭ ।୨(ସମିସ):** ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମାଲକାନଗିରି ପୁଲିସ ଜଣଙ୍କୁ ଗିରଫ କରିବା ସହିତ ତା ନିକଟରୁ ୪୫କେଜି ଗଞ୍ଜେଇ ଜବତ କରିଛି। ମାଲକାନଗିରି ଥାନା ଅଧିକାରୀ ରିଗନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ସବଇନିସପେକ୍ଟର ଏସ ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ ଚାଲାଣଗୁଡା ପଞ୍ଚାୟତସ୍ଥ ରେଙ୍ଗାବନ୍ଧ ନିକଟ ମାଲକାନଗିରି ଛତିଶଗଡ଼ ସୀମାନ୍ତ ରାସ୍ତାରେ ରାତ୍ର ପେଟ୍ରୋଲିଂ କରୁଥିବା ବେଳେ ରାସ୍ତାରେ ଜଣେ ବ୍ୟକ୍ତି ସନ୍ଦେହଜନକ ଭାବେ ତିନୋଟି ଅଖା ବସ୍ତା ଧରି ଛିଡା ହୋଇଥିଲେ। ପୁଲିସକୁ ଦେଖି ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାଙ୍କୁ ଧରି ବସ୍ତା ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବାର ଦେଖିଥିଲେ। ଗିରଫ ବ୍ୟକ୍ତି ଜଣଙ୍କ ହେଉଛନ୍ତି ମାଲକାନଗିରି ଜିଲ୍ଲା ଝରାପାଲି ପଞ୍ଚାୟତସ୍ଥ ବାଙ୍ଗୁଟିଗୁଡା ଗ୍ରାମର ଶତ୍ରୁଘନ ବେଞ୍ଚମୀ। ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ସେ ଛତିଶଗଡ଼ ରାଜ୍ୟକୁ ଚୋରା ଗଞ୍ଜେଇ ଚାଲାଣ କରିବା ପାଇଁ ଗାଡିକୁ ଅପେକ୍ଷା କରିଥିଲେ। ଜବତ ଗଞ୍ଜେଇର ଓଜନ ୪୨କେଜି ଓ ତା'ର ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ୩୫୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପଞ୍ଚାୟତ କର୍ମଚାରୀଙ୍କୁ ମାଡ଼ମାରି ଝାମ୍ପି ନେଲେ ଟଙ୍କା

**ବୋରିଗୁମ୍ମା,୨୭।୨(ସମିସ):** ବୋରିଗୁମ୍ମା ଥାନା ଯମୁଣ୍ଡା ପଞ୍ଚାୟତରେ ପଞ୍ଚାୟତ କର୍ମଚାରୀଙ୍କୁ ଜଣେ ବ୍ୟକ୍ତି ମାଡ଼ ମାରି ୨୦ ହଜାର ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇଯାଇଛନ୍ତି। ମଙ୍ଗଳବାର ରାସନ କାର୍ଡଧାରୀ ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ଓ ଟଙ୍କା ବଣ୍ଟନବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା।



ସୂଚନାନୁଯାୟୀ, ମାଳି ଦମ୍ବଗୁଡ଼ା ଗ୍ରାମର କାହ୍ନୁ ହରିଜନ ନାମକ ଜଣେ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ପଶି ତାଙ୍କୁ ବ୍ୟାଗ୍ ଓ ଟଙ୍କା ଶୀଘ୍ର ଦେବାପାଇଁ ଜିଦ୍ କରିଥିଲେ। ପଞ୍ଚାୟତ କର୍ମଚାରୀମାନେ ଟିକେ ଅପେକ୍ଷା କରିବାକୁ କହିବାରୁ ସେ ରାଗିଯାଇ ଟେବୁଲକୁ ବାଡ଼େଇବା ସହିତ ଜଣେ କର୍ମଚାରୀଙ୍କ ଉପରକୁ ଆକ୍ରମଣ କରି ଟଙ୍କା ଓ ବ୍ୟାଗ୍ ବଣ୍ଟନ ପାଇଁ ଥିବା ୨୦ ହଜାର ଟଙ୍କାକୁ ଝାମ୍ପିନେଇ ଦୌଡ଼ି ଯାଇଥିଲା। ଉକ୍ତ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ପଞ୍ଚାୟତ କର୍ମଚାରୀ ସିଏଚ ରାଜା ରାଓଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରକୁ ନିଆଯାଇଥିଲା। ସୂଚନା ଅନୁଯାୟୀ ଘଟଣାକୁ ନେଇ ଆହତ ସିଏଚ ରାଜାରାଓ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ସହିତ ପଞ୍ଚାୟତର ଯୋଗାଣ ସହାୟକ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହି ସମ୍ପୃକ୍ତ ଅଭିଯୁକ୍ତ କାହ୍ନୁ ହରିଜନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



## 'ସଶକ୍ତ ମହିଳା ସଶକ୍ତ ଓଡ଼ିଶା' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭେଟି

# ମିଶନଶକ୍ତି ମା'ମାନଙ୍କୁ ସୁଧ ଫେରସ୍ତ


ପାପଡ଼ାହାଣ୍ଡି


ନନ୍ଦାହାଣ୍ଡି


ବିଷମକଟକ

**ତେନ୍ତୁଳିଖୁଣ୍ଟି, ୨୭।୨(ସମିସ)**

ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗର ନିର୍ଦ୍ଦେଶକ୍ରମେ ତେନ୍ତୁଳିଖୁଣ୍ଟି ବ୍ଲକ୍ ମିଶନ ଶକ୍ତି ବିଭାଗ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମିଶନଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସ୍ୱୟଂ ସହାୟକ ଦଳଙ୍କ ମଧ୍ୟରୁ ୫୦୦ ଜଣ ମହିଳା ସ୍ୱୟଂ ସହାୟକ ଦଳ ସଭ୍ୟା ଯୋଗଦେଇଥିଲେ । ପ୍ରାରମ୍ଭରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ମହିଳା ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନତା ଜେଠି, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅଞ୍ଚଳଗୁମ୍ମା ମ୍ୟାନେଜର ଦୀପକ କୁମାର ପାଣିଗ୍ରାହୀ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାଙ୍କ୍ ମ୍ୟାନେଜର କଣ୍ଟାଗାଁ ସୁଧୀର କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଉପ ଜିଲ୍ଲାପାଳ ଶ୍ରୀ ମିଶ୍ର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣର ସୁଧ ଫେରସ୍ତ ଯୋଜନା ସରକାରଙ୍କର ଏକ ବଡ଼ ପଦକ୍ଷେପ ବୋଲି କହିବା ସହ ୫ ଲକ୍ଷ ଟଙ୍କାରୁ ବୃଦ୍ଧି ହୋଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଫେରସ୍ତ ନିଶ୍ଚିତ ଭାବରେ ମହିଳାଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବ ବୋଲି ପ୍ରକାଶ କରିଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ପାଇଁ ୟୁନିଫର୍ମ, ପଞ୍ଚାୟତ ଏବଂ ବ୍ଲକସ୍ତରୀୟ ସଂଘର ମହିଳା ନେତ୍ରୀଙ୍କ ପାଇଁ ବ୍ଲେଜର୍ ନିହାତି ଭାବରେ ମହିଳାଙ୍କୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମିଶନଶକ୍ତି ମହାସଂଘର ସଭାପତି ରେବତୀ ମାଝୀ, ସମ୍ପାଦିକା ସଂଘମିତ୍ରା ବିଶୋୟୀ ଉପସ୍ଥିତ ଥିବାବେଳେ ବ୍ଲକ ଜୀବିକା ମିଶନ ସଂଯୋଜକ ସନାତନ ଖଟୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବ୍ଲକ ମିଶନ ଶକ୍ତି ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

**ପାପଡ଼ାହାଣ୍ଡି:** ପାପଡାହାଣ୍ଡି ବ୍ଲକ ପରିସରରେ ମିଶନ ଶକ୍ତି ଏସଏଚଜି ଦଳକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ୧୪୦ କୋଟି ଟଙ୍କାର ସୁଧ ଫେରସ୍ତ ପାଇଁ ଘୋଷଣା କରିଥିଲେ । ତନ୍ମଧ୍ୟରୁ ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ୩୬୨ ଏସଏଚଜି ଦଳକୁ ୮,୧୧,୭୫୨ ଟାଙ୍କ ସୁଧ ଫେରସ୍ତ କରାଯାଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିଲା ଯେ, ପ୍ରତ୍ୟେକ ଏସଏଚଜି ମାଆମାନଙ୍କ ପାଇଁ ପୋଷାକ ବାବଦକୁ ଏକ ହଜାର ଟଙ୍କା ଏବଂ ବିଏଲଏଫ ଲିଡର, ଜିପିଏଲଏଫ ଲିଡର ଓ ଇସି ମେମ୍ବରଙ୍କ ପାଇଁ ୨୦୦୦ ଟଙ୍କା ବ୍ଲେଜର ବାବଦକୁ ଦେବାପାଇଁ ଘୋଷଣା କରିଥିଲେ । ପୁଣି ବିନା ସୁଧରେ ୫ ଲକ୍ଷ ଋଣକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରି ସୁଧ ଫେରସ୍ତ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଅବସରରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ଥାଇ ମାଆଙ୍କ ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଯୋଜନା ବିଷୟରେ ଅବଗତ କରାଇଥିଲେ । ଉକ୍ତ ସଭାରେ ପାପଡ଼ାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଏଇଇ ଦିବ୍ୟ ରଞ୍ଜନ ମେହେର ଓ ସିଡିପିଓ ଏସ. ଗୀତା ମଞ୍ଚାସୀନ ଥିଲେ । ଉକ୍ତ ସଭାରେ ପଞ୍ଚାୟତ ସମିତିର ସମସ୍ତ ଜିଲ୍ଲା ପରିଷଦର ଓ ସମିତିର ସଭ୍ୟସଭ୍ୟା ଏବଂ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମିଶନ ଶକ୍ତି ବ୍ଲକ ସଂଯୋଜକ ପ୍ରୀତିକାନ୍ତ ସାଧୁ ପରିଚାଳନା କରିଥିଲେ । ଜିପିଓ ଅକ୍ଷୟ ପଟ୍ଟନାୟକ, କୋଷାଧ୍ୟକ୍ଷ ମହେଶ ଦାସ, ସିପି, ଏସିପି, ଆରଇ, ବିପିସିଆରଏଚ ପ୍ରମୁଖ ସହଯୋଗ କରିଥିଲେ । ଏହି ସଭାରେ ବ୍ଲକର ୫୦୦ ଏସଏଚଜି ସଭ୍ୟା ଉପସ୍ଥିତ ଥିଲେ ।

**ନନ୍ଦାହାଣ୍ଡି:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ଶୂନ ପ୍ରତିଶତ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ମା'ମାନଙ୍କୁ ଋଣ ପ୍ରଦାନ, ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ, ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ପରିସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ତିନି ସହାୟତା ବିଷୟରେ ମଞ୍ଚାସୀନ ଅତିଥିମାନେ ବୁଝାଇଥିଲେ । ଶୂନ ପ୍ରତିଶତ ସୁଧରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ଋଣ ଦିଆଯିବ ଓ ସୁଧ ଆକାରରେ ପରିଶୋଧ କରିଥିବା ସମସ୍ତ ଅର୍ଥରାଶି ଫେରସ୍ତ ସହ ୟୁନିଫର୍ମ ଆଉ ବ୍ଲେଜର ପାଇଁ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି । ବ୍ଲକର ୨୭୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସକ୍ରୀୟ ଅଛନ୍ତି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିବା ବେଳେ ମଞ୍ଚରେ ୧୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପରିଷଦ କରିଥିବା ସୁଧ ଟଙ୍କା ଫେରସ୍ତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ବରିଷ୍ଠ ନେତ୍ରୀ କୌଶଲ୍ୟା ପ୍ରଧାନୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ସାଂସଦ ପ୍ରତିନିଧି ସୁନିଲ ସାହୁ, ବିଧାୟକ ପ୍ରତିନିଧି ଦୟାନିଧି ବିଷୋୟୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମମତା ଭତ୍ରା, ଡଙ୍ଗର ଭେଜା ସମିତି ସଭ୍ୟ ଅଭିମନ୍ୟୁ ନାୟକ ଓ ମେଣ୍ଟରୀ ସମିତି ସଭ୍ୟା ବସନ୍ତ ମଞ୍ଜୁରୀ ନାୟକ ଯୋଗଦେଇଥିବାବେଳେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସସ୍ମିତା ମହାନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରିୟଦର୍ଶିନୀ ଖଟୁଆ ସହଯୋଗ କରିଥିଲେ ।

**ବିଷମକଟକ:** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ କଲ୍ୟାଣମଣ୍ଡପଠାରେ 'ଶଶକ୍ତ ମହିଳା ଶଶକ୍ତ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁଧ ଫେରସ୍ତ କରିଛନ୍ତି । ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ସମ୍ମାନିତ ଅତିଥୀ ଭାବେ ବ୍ଲକ ଅଧ୍ୟକ୍ଷା ଯଶଦା ହୁଇକା, ବ୍ଲକ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଜିଲ୍ଲାପରିଷଦ ସଦସ୍ୟ ସୁଜାତା କାଡ୍ରାକା, ବିଜୟ ଶାନ୍ତି କୁମ୍ରୁକା, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ କୁମାର ବାଉରି, ଆଓବି ବ୍ୟାଙ୍କ ମ୍ୟାନେଜର ରଞ୍ଜିତ କୁମାର କିଶ ଉପସ୍ଥିତ ରହି ବିଷମକଟକ ବ୍ଲକର ୨୧ଟି ପଞ୍ଚାୟତର ୩୭୪ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କରିଛନ୍ତି । କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନର ବିପିଏମ୍ ମାନସି କୁମାରୀ ଟାକିରି ପରିଚାଳନା କରିଥିବାବେଳେ ସମସ୍ତ ଏମ୍‌ବିକେ, ସିଆର୍‌ପି, କୃଷି ମିତ୍ରା, ପ୍ରାଣୀ ମିତ୍ରା ଓ ବ୍ୟାଙ୍କ ମିତ୍ରା ସହଯୋଗ କରିଥିଲେ ।

**ପଦ୍ମପୁର:** ରାୟଗଡ଼ା ଜିଲ୍ଲା ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ମିଶନ ଶକ୍ତି ବିଭାଗର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ଋଣ ବାବଦକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷା ମଣିମାଳା ଶବର ଯୋଗଦେଇ ନାରୀଶକ୍ତିକୁ ଏକ ମହାନ ଶକ୍ତି ବୋଲି ନିଜ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଓ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ଶକ୍ତି ମାଧ୍ୟମରେ ମା'ମାନଙ୍କ ଆର୍ଥିକ ଏବଂ ସାମାଜିକ ଦିଗରେ ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ନେବା ବିଷୟରେ ଉଲ୍ଲେଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ଡରଗିନ ଶବର, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରମିଳା ବେହେରା, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ, ପଦ୍ମପୁର ଏବଂ ଗୁମୁଡ଼ା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ, କୋରାପୁଟ କେନ୍ଦ୍ରୀୟ ସମବାୟ ସମିତିର ପଦ୍ମପୁର ଶାଖା ପରିଚାଳକ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମିଶ୍ର, ବ୍ଲକ ମତ୍ସ୍ୟ ଅଧିକାରୀ ଅଶ୍ୱିନୀ ବିଶ୍ୱାଳ, କୃଷି ଅଧିକାରୀ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସହାୟିକା ଜସ୍ମିତା ଗମାଙ୍ଗ, ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ମୋନଜ ଗମାଙ୍ଗ, ସମସ୍ତ ବ୍ଲକସ୍ତରୀୟ ମହାସଂଘର ସଦସ୍ୟା, ପଞ୍ଚାୟତସ୍ତରୀୟ ମହାସଂଘର ସଭାପତି, ସମ୍ପାଦିକା, କାର୍ଯ୍ୟକାରୀ ସଦସ୍ୟା, ସମସ୍ତ ଏମ୍ବିକେ, ସିଆରପି, ବ୍ୟାଙ୍କ ମିତ୍ର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବ୍ଲକସ୍ତରୀୟ ମେଗା କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ସୁନୀଲ ମିଶ୍ର ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।


ପଦ୍ମପୁର

**କଲ୍ୟାଣସିଂହପୁର:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନଶକ୍ତି ମାଆଙ୍କ ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ଯାଏ ଋଣ ଦେବା ବଡ ଘୋଷଣା କରିବା ସହ ଆଜି ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କଲ୍ୟାଣସିଂହପୁର ବ୍ଲକରେ ଥିବା ୨୫୫ଟି ଗୋଷ୍ଠୀକୁ ସୁଧ ଫେରସ୍ତ କରାଯାଇଛି । ସେଥି ମଧ୍ୟରୁ ମେଳାରେ ୩୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଟଙ୍କା ଚେକ ମାଧ୍ୟମରେ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ, ସମସ୍ତ ଗ୍ରୁପର ମହିଳାମାନଙ୍କୁ ଶାଢ଼ୀ ବାବଦକୁ ୧୦୦୦ଟଙ୍କା ଲେଖାଏଁ ନିଜ ନିଜ ବ୍ୟାଙ୍କ ଜମା ଖାତାକୁ ଯିବ । ବ୍ଲେଜର ପାଇଁ ୨୦୦୦ଟଙ୍କା ଲେଖାଏଁ ସହାୟତା ଦିଆଯିବ ବୋଲି ଅତିଥିମାନେ କହିଥିଲେ । ବିଡ଼ିଓ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜସେବୀ କେ ମାଧବ ରାଓ, ସମିତି ସଭ୍ୟା କୁନାକା ପଦ୍ମା, ଭାରତୀୟ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ମନୋଜ କୁମାର ବେହେରା, ସିଡିପିଓ ମମତାରାଣୀ ଦାସ, ପ୍ରାଣୀଧନ ଚିକିତ୍ସକ ବିଚିତ୍ରା ନନ୍ଦ ସାହୁ, ସ୍ଥାନୀୟ ସରପଞ୍ଚ ଗୌତମ ବାରଲି, ମତ୍ସ୍ୟ ଅଧିକାରୀ କାଳିଆ ବାଉରୀ, ମାଝୀଗୁଡା ସମିତି ସଭ୍ୟ ସୂର୍ଯ୍ୟମଣି ନାଣକା, ମାଝୀଗୁଡା ସରପଞ୍ଚ ଶାନ୍ତି କଣ୍ଡାଗରୀ, ବିପିଏମ ଅବଦୁଲ କରିମ, ବିପିସି ପ୍ରିୟଙ୍କା ପ୍ରିୟଦର୍ଶୀ ମୂଳିଆ, ବ୍ଲକ ମହାସଙ୍ଘ ସଭାପତି ପୁଷ୍ପା କୁମାରୀ ପଣ୍ଡା, ସମ୍ପାଦିକା ସୁମିତ୍ରା ବିବର, ଆୟୁଷ ଡାକ୍ତର ଅନ୍ନପୂର୍ଣ୍ଣା ତାଣ୍ଡି, ମିନି ବ୍ୟାଙ୍କର ସିଲା ନିରଞ୍ଜନ ମଞ୍ଚାସୀନ ରହିଥିଲେ । ଏହାକୁ ସମ୍ମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସଂଗ୍ରାମ ସିଂ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ । ବ୍ଲକ, ଓଏଲଏମ, ମିଶନ ଶକ୍ତି କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହିଥିଲେ ।

**ପଟାଙ୍ଗି:** କୋରାପୁଟ ଜିଲ୍ଲା ପଟାଙ୍ଗି ମିନି ଷ୍ଟାଡିୟମ୍ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ମିଶନ ଶକ୍ତି ଋଣ ସୁଧ ଫେରସ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଛନ୍ତି । ବ୍ଲକର ୨୩୯ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୮ ଲକ୍ଷ ୩୧ ହଜାର ୧୨୧ ଟଙ୍କାର ଋଣ ଫେରସ୍ତ ପାଇଛନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପଟାଙ୍ଗି ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ୍, ଜୋନ-୧ ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ବ୍ଲକ ମିଶନ ଶକ୍ତିର ମହାସଂଘ ମାଳତୀ ଶାନ୍ତା ପ୍ରମୁଖ ଯୋଗ ଦେଇଥିଲେ । ପଟାଙ୍ଗି ବ୍ଲକର ୧୪ ଗୋଟି ପଞ୍ଚାୟତ ତଥା ପଟାଙ୍ଗି, ଗାଙ୍ଗରାଜପୁର, ମାଳିପୁଟ, ନୂଆଗାଁ, କୋଟିଆ, ଦେଓପଟାଙ୍ଗି, ପୂକାଲି, ଚନ୍ଦକା, ଗାଙ୍ଗରାଜପୁର, ସୁଙ୍କି, ସାମ୍ବାଇ, ତଳଗୋଲୁର୍, ଆମ୍ବାବିଲି, ରାଲେଗଡ଼ା ପଞ୍ଚାୟତର ୨୩୯ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ଫେରସ୍ତ ପାଇଛନ୍ତି । ସେଥିମଧ୍ୟରୁ ବ୍ଲକର ଅଧିକା ସୁଧ ପଟାଙ୍ଗିର ମା' କୁଠାରୀ ସ୍ୱୟଂ ସହାୟକ ଗୋଷ୍ଠୀ ୩୪ ହଜାର ୬୫୩ ଟଙ୍କା ସୁଧ ଫେରସ୍ତ ପାଇଛନ୍ତି । କାର୍ଯ୍ୟକ୍ରମକୁ ବିପିସି ଅଜୟ ପାଙ୍ଗି ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

**କୁନ୍ଦୁରା:** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ରାଜସ୍ୱ ବଙ୍ଗଳାଠାରେ ମିଶନ ଶକ୍ତି ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପରିଶୋଧ ରିହାତି ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲ୍ଲା ପରିଷଦ ସଭ୍ୟ କନକଲତା ପେନ୍ଥିଆ, ସିଡିପିଓ ଆରତି ମହାପାତ୍ର, ସାଂସଦ ପ୍ରତିନିଧି ବୃନ୍ଦାବନ ମଲ୍ଲିକ, ବିଧାୟିକା ପ୍ରତିନିଧି ରମାକାନ୍ତ ମିଶ୍ର, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରତି ରହିଥିବା ସହାନୁଭୂତିକୁ ନେଇ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଆଶୀର୍ବାଦ ପ୍ରଦାନ କରିଛନ୍ତି । କୁନ୍ଦୁରା ବ୍ଲକ ଅଧୀନରେ ୩୫୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ନେବା ସହ ସୁଧ ପରିଶୋଧ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଗତ ଦିନରେ ଋଣ ନେଇ ଠିକ୍ ସମୟରେ ଫେରସ୍ତ କରିଥିବାରୁ ଉକ୍ତ ରାଶିର ସୁଧ ଫେରସ୍ତ କରିଛନ୍ତି ରାଜ୍ୟ ସରକାର । ସେମାନେ ହେଲେ ଗୁଣ୍ଡାଳ ଗ୍ରାମ ପଞ୍ଚାୟତ ପାଣ୍ଡିକି ମାରି ଗ୍ରାମର ଜେମସୋଇ ଗ୍ରୁପ ଏବଂ ଦିବ୍ୟଜୋତି ସଂଘ, ବାଗଦେରୀ ପଞ୍ଚାୟତ ମୁଣ୍ଡାପୁଟ ଗ୍ରାମର ମା' ଭୈରବୀ ସଂଘ, ଲିମା ପଞ୍ଚାୟତ ପୁକିଆଗୁଡ଼ା ଗ୍ରାମର ରମାଦେବୀ ସଂଘ, ବାଗଦେରୀ ଗ୍ରାମର ମା' ତାରିଣୀ ସଂଘ, ଦିଗାପୁର ପଞ୍ଚାୟତର ସରସ୍ୱତୀ ସଂଘ, ଖଟଲାପଦରର ସନ୍ତୋଷୀ ସଂଘ ଏବଂ ଏକୋଇଶି ଭଉଣୀ ସଂଘ, ନଡ଼ିଆଲ ପାଲିର ଜଗନ୍ନାଥ ସଂଘ ଏବଂ ଡଙ୍ଗରପାଉଁଶି ପଞ୍ଚାୟତର ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ କରିବା ନିମନ୍ତେ ଚେକ ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମୀକ୍ଷକ ମାଣିକ ପଟ୍ଟନାୟକ, ଶଙ୍କର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧ ଫେରସ୍ତ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୧ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୨୯୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କରାଯାଇଛି । ଏଥିରେ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରୁ ଋଣ ଉଠାଣ କରି ଠିକ ସମୟରେ ବ୍ୟାଙ୍କରେ ଋଣ ପରିଶୋଧ କରିସାରିଛି । ସେମାନଙ୍କଠାରୁ ବ୍ୟାଙ୍କ ତରଫରୁ ନିଆଯାଇଥିଲା । ଉକ୍ତ ସୁଧ ଟଙ୍କା ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଫେରସ୍ତ କରାଯାଇଛି । ଏଥିରେ ଡାବୁଗାଁ ହାଟପଦା ଗ୍ରାମର ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀ ୩୮, ୮୨୩ ଟଙ୍କା ସୁଧ ଫେରସ୍ତ ପାଇ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଡାବୁଗାଁ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୀବ କୁମାର ସେଠୀ, ସିଡିପିଓ ମିନତୀ ଦାଶ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ମେଦନା ସରପଞ୍ଚ ସୁମିତ୍ରା ମାଝି, ଅଞ୍ଚଳା ସରପଞ୍ଚ ରମେଶ ମାଝି, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ରୋଜାଲିନ ପ୍ରଧାନ, କୁନମୁନ ସେନାପତି, ସାଇରା ବାନୁ, ବିମଳା କୁମାରୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧର ଚେକ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ବ୍ୟାଙ୍କ ମିତ୍ର, ଏମବିକେ, ସିଆରପି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମିଶନଶକ୍ତି ସଂଯୋଜକ ନବୀନ ଭତ୍ରା ପରିଚାଳନା କରିଥିଲେ ।


ପଟାଙ୍ଗି


କୁନ୍ଦୁରା


ଡାବୁଗାଁ

## ସେମିଳିଗୁଡ଼ା ଶୁଣ୍ଡି ସମାଜ ସଭାପତିଙ୍କ ପରଲୋକ

**ସେମିଳିଗୁଡ଼ା,୨୭।୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଶୁଣ୍ଡି ସମାଜ ସଭାପତି ବି.ପ୍ରସାଦ ଚୌଧୁରୀ (୫୭)ଙ୍କ ରବିବାର ରାତିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ପ୍ରସାଦ ଗତ କିଛି ଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଅସୁସ୍ଥ ଥିଲେ ଏବଂ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ଶୁଣ୍ଡି ସମାଜ ସଭାପତି ଓ ବ୍ୟବସାୟୀ ଭାବେ ସୁପରିଚିତ ସ୍ୱର୍ଗତ ପ୍ରସାଦଙ୍କ ଅନ୍ତିମ ସଂସ୍କାରରେ ଶତାଧିକ ଲୋକ ଯୋଗଦେଇଥିଲେ। ପ୍ରସାଦ ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ବୁଦ୍ଧିଜୀବୀ ଗଭୀର ଦୁଃଖ ପ୍ରକାଶ କରିଥିଲେ। ସହରରେ ଏକ ଦୁଃଖର ବାତାବରଣ ସୃଷ୍ଟି ହୋଇଥିଲା।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଡାବୁଗାଁ, ୨୭।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ବଡଓଲମା ଗ୍ରାମ ଛକ ନିକଟରେ ସୋମବାର ରାତ୍ରିରେ ମୋଟରସାଇକେଲ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ କୋଷାଗୁମୁଡା ବ୍ଲକ ଅଧୀନ ଛାଲିପେଟା ଗ୍ରାମର କନି କଲାର (୩୭)। ସୂଚନାଯୋଗ୍ୟ, କୋଷାଗୁମୁଡା ବ୍ଲକ ଅଧୀନ ଛାଲିପେଟା ଗ୍ରାମର କନି ସୋମବାର ପାପଡ଼ାହାଣ୍ଡି ବ୍ଲକ ଅଧୀନ ଖୁଟିଗୁଡା ଗ୍ରାମକୁ ନିଜ ବନ୍ଧୁ ଘରକୁ ଯାଇଥିଲେ। ରାତ୍ରିରେ ନିଜ ଘରକୁ ମୋଟର ସାଇକେଲରେ ଫେରୁଥିବା ବେଳେ ବଡଓଲମା ଗ୍ରାମ ଛକ ନିକଟରେ ବିପରୀତ ଦିଗରୁ ଏକ ଅଜଣା ଗାଡି ସହ ଧକ୍କା ହୋଇଥିଲା। ଫଳରେ ସେ ରାସ୍ତା କଡକୁ ଛିଟିକି ପଡ଼ି ଆହତ ହୋଇଥିଲେ। କିଛି ସମୟ ପରେ ସେହି ରାସ୍ତାରେ ଯାଉଥିବା ଲୋକେ ଦେଖି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ମୃତକଙ୍କ ବଡ ଭାଇ ଉଦରନ କଲାର ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସଆଇ ଗୋପାଳକୃଷ୍ଣ ହାଲୱା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

## କୋଷାଗୁମୁଡ଼ା ମୁଖ୍ୟ ରାସ୍ତାରେ ଜଙ୍ଗଲୀ ଭାଲୁ ; ଆତଙ୍କିତ ଅଞ୍ଚଳବାସୀ

**କୋଷାଗୁମୁଡ଼ା, ୨୭।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଅଞ୍ଚଳରେ ଜଙ୍ଗଲୀ ଭାଲୁ ରାସ୍ତାରେ ବୁଲୁଥିବା ମଙ୍ଗଳବାର ଦେଖିବାକୁ ମିଳିଛି। କୋଷାଗୁମୁଡାର ମୁଖ୍ୟ ରାସ୍ତା ତଥା ଆଦର୍ଶ ବିଦ୍ୟାଳୟ ନିକଟରେ ଭାଲୁଟି ବୁଲୁଥିବା ଦେଖିବାକୁ ମିଳିଛି। ଭାଲୁକୁ ଦେଖି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି। ସମସ୍ତେ ଭାଲୁକୁ ପାଖରେ ପାଇ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ରାସ୍ତାରେ ଲୋକଙ୍କ ଭିଡ଼ ଜମିବାକୁ ଲାଗିଥିଲା। ଭାଲୁକୁ ଦେଖି ଲୋକେ କୋଳାହଳ କରିବା ପରେ ଲୋକଙ୍କ ପାଟି ଏବଂ ଗାଡି ହର୍ଣ୍ଣ ଶୁଣି ଭାଲୁଟି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ବର୍ତ୍ତମାନ ଜଙ୍ଗଲୀ ଭାଲୁକୁ ଦେଖି ଅଞ୍ଚଳବାସୀ ଭୟଭୀତ ହେବା ସହ ସନ୍ଧ୍ୟା ଏବଂ ସକାଳେ ରାସ୍ତାରେ ଯିବାକୁ ଭୟ କରୁଥିବା ଦେଖିବାକୁ ମିଳିଛି।

## ଦୁଇ ବାଇକ ଚୋର ଗିରଫ

**ନବରଙ୍ଗପୁର,୨୭।୨(ସମିସ):** ନବରଙ୍ଗପୁର ପୁଲିସ ଦୁଇ ବାଇକ ଚୋରକୁ ଗିରଫ କରିଛି। ଏ ସମ୍ପର୍କରେ ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ ବେହେରା ସୂଚନା ଦେଇ କହିଛନ୍ତି ଯେ ଗତ ୧୪ ତାରିଖରେ ନବରଙ୍ଗପୁର ଗାନ୍ଧୀନଗର ନିବାସୀ କ୍ଷେତ୍ରବାସୀ ପରିଡ଼ା ତାଙ୍କ ମଟର ସାଇକେଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଆଧାର କରି ତଦନ୍ତ ସମୟରେ ମେଞ୍ଚର ଗ୍ରାମର ହରି ହରିଜନ (୨୭) ଓ ଟେକରାମ ଭତରା (୨୦)ଙ୍କ ଠାରୁ ଦୁଇଟି ମଟର ସାଇକେଲ ଓଡି୨୪ଇ-୦୧୭୦ ଏବଂ ଓଡି୨୪-୩୦୪୬ କୁ ଜବତ କରିଥିଲା ପୁଲିସ। ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଏଏସ୍‌ଆଇ ତୁଳସୀରାମ ପୂଜାରୀ ତଦନ୍ତ ଅଧିକାରୀ ରୂପେ କାର୍ଯ୍ୟ କରିଥିଲେ।

● ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ

# କୋରାପୁଟ ଜିଲ୍ଲା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ



**ଜୟପୁର, ୨୭।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଦଶହରା ପଡ଼ିଆଠାରେ ଓଡ଼ିଶା କ୍ରିକେଟ ଏକାଡେମୀ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଜିଲ୍ଲା କ୍ରିକେଟ ଏକାଡେମୀକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜୟପୁର ଠାରେ ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ସ୍ଥଳରେ ସ୍ଥାନୀୟ ଜିଲ୍ଲା କ୍ରୀଡ଼ା ସଂଘର ସଦସ୍ୟ, କ୍ରିକେଟ ଖେଳାଳି ଏବଂ ଜନ ପ୍ରତିନିଧିମାନେ ଯୋଗଦେଇଥିଲେ। ଓସିଏ ପକ୍ଷରୁ ଏହି ଏକାଡେମୀରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ନେଟ୍ ବାନ୍ଧି ଦୁଇଟି ଇଣ୍ଡୋର ପଡ଼ିଆ ନିର୍ମାଣ କରାଯାଇଛି। ସେହିପରି ଲକ୍ଷାଧିକ ଟର୍ଫ ପିଚ୍ ନିର୍ମାଣ କରାଯାଇଛି। ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଜୟପୁର ଠାରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଅନୁପ ପାତ୍ର, ଉପଖଣ୍ଡ କ୍ରୀଡ଼ା ସଂଘର ସମ୍ପାଦକ ରବି ନାୟକ, ବିଡିଓ ଶକ୍ତି ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ, ବ୍ଲକ ଉପାଧ୍ୟକ୍ଷ ଗଣେଶ ପାଢ଼ୀ, ପୂର୍ବତନ କେସିସି ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ, ବରିଷ୍ଠ କ୍ରିକେଟ ଖେଳାଳି ସୁବାସ ରାଉତ, ବାଲା ରାୟ, ସଞ୍ଜୟ ଜୈନ, ନିରଞ୍ଜନ ପାଣିଗ୍ରାହୀ ଏବଂ ଜିଲ୍ଲାସ୍ତରୀୟ ଖେଳାଳିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା କ୍ରିକେଟ ଏକାଡେମୀରେ ନିମନ୍ତେ ଛାତ୍ରମାନେ ଉପସ୍ଥିତ ରହିବା ସହିତ ଉପସ୍ଥିତ ରହିଥିଲେ। ଏହି ଅବସରରେ କ୍ରୀଡା ପୋଷାକ ବଣ୍ଟନ କରାଯାଇଥିଲା।

■ କୋଟିଆରେ ଆନ୍ଧ୍ର ପୁଲିସର ଜନସମ୍ପର୍କ ଶିବିର

## ମେଗା ସ୍ୱାସ୍ଥ୍ୟ ଶିବିର ସହ ବଣ୍ଟନ କଲେ ବିଭିନ୍ନ ସାମଗ୍ରୀ

**ପଟ୍ଟାଙ୍ଗି, ୨୭।୨(ସମିସ):**



ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ପ୍ରଥମ ଥର ପାଇଁ ମଙ୍ଗଳବାର ଆନ୍ଧ୍ର ପୁଲିସ ଅନୁପ୍ରବେଶ କରିଛି। ସେ କୋଟିଆ ପଞ୍ଚାୟତର ନେରେଡିୱାଲାସା ଗ୍ରାମଠାରେ ଜନ ସମ୍ପର୍କ ଶିବିର ଆୟୋଜନ କରିଛି। ଏଥିରେ ମେଗା ସ୍ୱାସ୍ଥ୍ୟ ଶିବିର ସହ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲାର ଅତିରିକ୍ତ ଏସ୍‌ପି ବିକ୍ରାନ୍ତ ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଉକ୍ତ ଅଞ୍ଚଳକୁ ଆନ୍ଧ୍ର ସାଲୁର ପୁଲିସ ଥାନାରେ ରଖିଛି। ତେଣୁ ସେଠାରେ ସାଲୁର୍ ପୁଲିସ ଥାନା ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରିଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାର୍ବତୀପୁରମ୍ ଜିଲ୍ଲା ଏସ୍‌ପି ସୁନୀଲ ସିଓରାନ ଯୋଗ ଦେଇଥିଲେ। ପୁଲିସ ଯୁବକମାନଙ୍କୁ ଛତା, ରାସନ ଏବଂ ଭଲିବଲ୍ କିଟ୍ ଆଦି ବଣ୍ଟନ କରିଥିଲା। କବାଡି, ଭଲିବଲ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିଛି। ଲୋକଙ୍କୁ ଆନ୍ଧ୍ର ମୁହାଁ କରିବା ନିମନ୍ତେ ଭୋଜି ମଧ୍ୟ ଆୟୋଜନ କରିଥିଲା। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କୋଟିଆର ବିଭିନ୍ନ ଗ୍ରାମର ୪୦୦ ଜଣ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ମଧ୍ୟ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମଟି ସାଲୁର ଥାନାର ସିଆଇ ବାଲାକ୍ରିଷ୍ଣା, କୋଟିଆ ସିଆଇ ରୋହିନି ପଥୀ, ସାଲୁର ରୁରାଲ୍ ଏସ୍‌ଆଇ ଭେଙ୍କଟା ରାମନା ସ୍ୱାସ୍ଥ୍ୟ ବିଭାଗର ଡା. ନାଗେଶ୍ୱରା ରାଓ, ଡା. ଅନିଲ, ବରିଷ୍ଠ ଚକ୍ଷୁ ଚିକିତ୍ସକ ଶ୍ୟାମ ବାବୁ ପ୍ରମୁଖ ଉପସ୍ଥିତ ରହିଥିବା ଜଣାପଡ଼ିଛି। ଉଭୟ ଆନ୍ଧ୍ର ଏବଂ ଓଡ଼ିଶାରେ କିଛି ଦିନ ମଧ୍ୟରେ ନିର୍ବାଚନ ଆସୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଆନ୍ଧ୍ର ଆଡ଼କୁ ଆକୃଷ୍ଟ କରିବା ପାଇଁ ପୁଣି ପ୍ରଥମ ଥର ଆନ୍ଧ୍ର ପୁଲିସ ନୂତନ ପ୍ରୟାସ କରିଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର

**ଜୟପୁର,୨୭।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଘାଟବାଗରା ଗ୍ରାମ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ମୃତ ବାଇକ ଚାଳକ ଦଣ୍ଡାବାଡ଼ି ଅଞ୍ଚଳର ରାମଚନ୍ଦ୍ର ସାନ୍ତା (୪୫)। ଗୁରୁତର ଆହତ ହୋଇଥିବା ଆରୋହୀ ବିଶ୍ୱନାଥ ହନ୍ତାଳ ବିପରୀତ ଦିଗରୁ ଆସୁଥିବା ବାଇକ ଚାଳକ ଜୟପୁର କୁମ୍ଭାରସାହିର ତ୍ରିନାଥ ହନ୍ତାଳଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଜୟପୁର ସଦରଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ପ୍ରମୋଦ କୁମାର ପାଣିଙ୍କୁ ପ୍ରଦାନ କରାଯାଇଛି।

## ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**ଜୟପୁର,୨୭।୨(ସମିସ):** ଜୟପୁର ସଦରଥାନା କଳାଗୁଡ଼ା ଗ୍ରାମରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ସନମତି ପୂଜାରୀ (୩୦)। ସେ ମଦପିଇ ମାତାଲ ଅବସ୍ଥାରେ ରହୁଥିବା ଯୋଗୁଁ ସ୍ୱାମୀଙ୍କ ସହିତ ବିବାଦ ରହୁଥିଲା। ସ୍ୱାମୀ ମଙ୍ଗଳବାର ସକାଳେ ଗାଳି କରିବା ଯୋଗୁଁ ବିଷ ପିଇ ମହିଳା ଜଣକ ଆତ୍ମହତ୍ୟା କରିଥିବା ନେଇ ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ କାମାକ୍ଷ ପ୍ରସାଦ ବିଶୋୟୀ ସୂଚନା ଦେଇଛନ୍ତି।

## ଅଜଣା ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**କୋଷାଗୁମୁଡ଼ା,୨୭।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା କୋଡ଼ିଙ୍ଗା-ପାପଡ଼ାହାଣ୍ଡି ମୁଖ୍ୟ ରାସ୍ତା ସାନ ବାଗନିଗୁଡ଼ା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ସୂଚନା ମିଳିଛି। ମୃତକ ହେଲେ ଖରକିଗୁଡାର କେଶବ ଅମନାତ୍ୟ। ଦୁର୍ଘଟଣା ପରେ କିଛି ସମୟ ଧରି ମୃତକଙ୍କ ପରିବାର ବର୍ଗ ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ସୂଚନାନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନ ବେଳେ କେଶବ ଅମନାତ୍ୟ ସହ ତ୍ରିଲୋଚନ ଭତ୍ରା ଏକ ବାଇକରେ କୋଡ଼ିଙ୍ଗାରୁ ପାପଡ଼ାହାଣ୍ଡି ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କାରେ ଘଟଣାସ୍ଥଳରେ କେଶବଙ୍କ ମୃତ୍ୟୁ ଘଟିଥିବା ବେଳେ ତ୍ରିଲୋଚନ ଆହତ ହୋଇ ପାପଡ଼ାହାଣ୍ଡି ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା କୋଡ଼ିଙ୍ଗା ପୁଲିସ ପକ୍ଷରୁ ସୂଚନା ମିଳିଛି। ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ଲୋକ ପ୍ରାୟ ଏକ ଘଣ୍ଟା ଧରି କ୍ଷତିପୂରଣ ଓ ଫେରାର୍ ବାଇକ୍ ଚାଳକଙ୍କୁ ଗିରଫ ଦାବି କରି ମୁଖ୍ୟରାସ୍ତା ଅବରୋଧ କରିଥିଲେ। କୋଡ଼ିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟୋକ୍ତ ଲୋକଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇବା ସହ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ୪୩୦ ଏସ୍‌ଏଚ୍‌ଜି ଗ୍ରୁପକୁ ୧୪, ୪୨, ୮୩୦ ଟଙ୍କା ସହାୟତା ରାଶି ପ୍ରଦାନ



**କୋରୁକୋଣ୍ଡା, ୨୭।୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ମା'ମାନଙ୍କ ପାଇ ରାଜ୍ୟ ସରକାରଙ୍କ ବିନା ସୁଧରେ ୧୦ ଲକ୍ଷ ଯାଏ ଋଣ, ୧୪୪ କୋଟିର ସୁଧ ଫେରସ୍ତ ସହିତ ପୋଷାକ ପାଇଁ ଆର୍ଥିକ ସହାୟତା ଓ ମିଶନ ଶକ୍ତି ବଜାର ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ଜରିଆରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ମିଶନ ଶକ୍ତିର ମା'ମାନଙ୍କୁ ସାମାଜିକ ପ୍ରତିଷ୍ଠା ପ୍ରଦାନ ସହିତ ଉପରୋକ୍ତ ଉପହାର ଭେଟି ଦେଇଛନ୍ତି। ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରିଣୀ ନୀଳିମା ରାଣୀ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ଟାଙ୍ଗୁଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିମେଳା ଏନଏସି ଅଧ୍ୟକ୍ଷ ପ୍ରଦୀପ ନାୟକ, ପ୍ରୋଜେକ୍ଟ ମ୍ୟାନେଜର ରୁରାଲ ହାଉସିଂ ଶାଶ୍ୱତି ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ଏନଏସି ଅଧୀନରେ ଥିବା ୪୩୦ ମହିଳା ଏସଏଚଜି ଗ୍ରୁପକୁ ୧୪, ୪୨, ୮୩୦ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମିଶନ ଶକ୍ତି ମା' ମାନେ ଉପସ୍ଥିତ ରହି ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।

ବିଜୁ ଜନତା ଦଳର ମିଶ୍ରଣ ପର୍ବ

# ୧୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀଙ୍କ ଯୋଗଦାନ



**ମାଲକାନଗିରି, ୨୭ ।୨(ସମିସ):** ତୃଣମୂଳ ସ୍ତରରୁ ସୁଦୃଢ ହେଉଛି ବିଜୁ ଜନତା ଦଳ। ଯାହାକୁ ନେଇ ଅନ୍ୟ ଦଳୀୟ କର୍ମୀ ବର୍ତ୍ତମାନ ବିଜେଡି ମୁହାଁ। ଏହି କ୍ରମରେ ମାଲକାନଗିରି ନିର୍ବାଚନମଣ୍ଡଳୀର କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପାଲ୍ଲୀ ଗ୍ରାମ ପଞ୍ଚାୟତର ବିଜେପି ସକ୍ରିୟ ଓ ପ୍ରଭାବଶାଳୀ କର୍ମୀ ବିଭୂତି ମିସ୍ତ୍ରୀ, ଅରବିନ୍ଦ ବିଶ୍ୱାସ, କମଲେଶ ସରକାର, ମନୋରଞ୍ଜନ ସରକାର, ହରିପଦ ଗୋଲଦାର, ସପନ ସରଦାର, ବିଜୟ ଚୌକିଦାର, କିଶୋର ମଣ୍ଡଳ, ରଞ୍ଜିତ ଗାଇନ, ମିଥୁନ ମଣ୍ଡଳ ପ୍ରମୁଖଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡି ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ମାଲକାନଗିରି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ନୂଆ ଓଡ଼ିଶା ଗଠନ ଦିଗରେ ଏକାଠି ହୋଇ କାମ କରିବାକୁ ଏହି ଅବସରରେ ସେମାନେ ସଂକଳ୍ପ ନେଇଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ମଧ୍ୟରେ ଉପସ୍ଥିତ ଥିଲେ ମାଲକାନଗିରି ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଜିଲ୍ଲା ପରିଷଦ ସଭ୍ୟା ଅପର୍ଣ୍ଣା ମଣ୍ଡଳ, କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ସାଂସଦ ପ୍ରତିନିଧି ଇ.ଭେଙ୍କେଟ୍ ରାଓ ଏବଂ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବିଜୁ ଜନତା ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ଟ୍ରାକ୍ଟର ଓଲଟି ଭାଙ୍ଗିଲା ଶ୍ରମିକଙ୍କ ଗୋଡ଼

**ପଦ୍ମପୁର,୨୭।୨(ସମିସ)**



ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ତେମ୍ବାଗୁଡ଼ା ପଞ୍ଚାୟତ ଅଧୀନସ୍ଥ ଯାଜପୁର ଗ୍ରାମରେ ଏକ ମେଟାଲ୍ ବୋଝେଇ ଟ୍ରାକ୍ଟରର ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ଗୋଡ଼ ଭାଙ୍ଗିଯାଇଛି। ସୂଚନାନୁଯାୟୀ, ଯାଜପୁର ଗ୍ରାମର ମେଟାଲ ବୋଝେଇ ଟ୍ରାକ୍ଟରର ଆଗଚକ ଫାଟିଯିବାରୁ ତାହା ବିଲ ମଧ୍ୟକୁ ଓଲଟି ପଡ଼ିଥିଲା। ଫଳରେ ଚାଳକ ଅଳ୍ପକେ ରକ୍ଷା ପାଇଥିବାବେଳେ ଡାଲାରେ ବସିଥିବା ଶ୍ରମିକ ସୁମନ ପରିଜାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଘଟଣାସ୍ଥଳରେ ତାଙ୍କୁ ସ୍ଥାନୀୟ ଗ୍ରାମବାସୀ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡା. ଅମ୍ବୁଜ ମୁଦୁଲି ଚିକିତ୍ସା କରିଥିବା ସମୟରେ ଗୋଡ଼ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଅପରେସନ ପାଇଁ ବ୍ରହ୍ମପୁର ମେଡ଼ିକାଲକୁ ତାଙ୍କୁ ରେଫର କରାଯାଇଛି। ଖବର ପାଇ ପଦ୍ମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟରକୁ ଜବତ କରିଛନ୍ତି।

## ରାସନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ ସହ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ



**ପାପଡ଼ାହାଣ୍ଡି, ୨୭।୨(ସମିସ):** ପାପଡ଼ାହାଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ରାସନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ ସହ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରାଯାଇଛି। ସରପଞ୍ଚ ଚନ୍ଦ୍ରଶେଖର ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ମଙ୍ଗଳୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୬୦ ଜଣ ରାସନ କାର୍ଡ ହିତାଧିକାରୀଙ୍କୁ ବ୍ୟାଗ ସହ ମୁଖ୍ୟମନ୍ତ୍ରୀ ସହାୟତା ରାଶି ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

## ମୃତ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସ୍ୱାମୀଙ୍କୁ ବୀମା ରାଶି ପ୍ରଦାନ

**କୋରାପୁଟ, ୨୭।୨(ସମିସ):** କିଛି ମାସ ପୂର୍ବରୁ ମୃତ୍ୟୁବରଣ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ପ୍ରଭା ମୁଦୁଲିଙ୍କ ସ୍ୱାମୀ ମଦନ ମୁଦୁଲିଙ୍କୁ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ବୀମା ରାଶିର ଚେକ୍ ପ୍ରଦାନ କରାଯାଇଛି। କୋରାପୁଟ ବ୍ଲକ ମସ୍ତିପୁଟ ପଞ୍ଚାୟତ ଜାନିଗୁଡ଼ା ଗ୍ରାମର ମଦନ ମୁଦୁଲିଙ୍କ ସ୍ତ୍ରୀ ପ୍ରଭା ମୁଦୁଲି ଉକ୍ତ ଗ୍ରାମର ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଥିଲେ। କିଛି ମାସ ପୂର୍ବରୁ ପ୍ରଭା ପ୍ରସବ ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଗର୍ଭରେ ଯମଜ ସନ୍ତାନ ଥିବା ବେଳେ ଗୋଟିଏ ମୃତ ସନ୍ତାନ ପ୍ରସବ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଭାଙ୍କ ନାରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ କୋରାପୁଟ ଶାଖାରେ ଏକ ଆକାଉଣ୍ଟ ଥିଲେ। ସେଥିରେ ବାର୍ଷିକ ୪୩୬ ଟଙ୍କା ବୀମା ଅର୍ଥ କଟୁଥିଲା। ତେଣୁ ତାଙ୍କର ଅଚାନକ ମୃତ୍ୟୁ ପରେ ବ୍ୟାଙ୍କ ପକ୍ଷରୁ ପ୍ରଭାଙ୍କ ସ୍ୱାମୀ ମଦନକୁ ଚେକ୍ ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରବନ୍ଧକ ଅନୀଲ ସୋରେନ୍ ଚେକ୍ ପ୍ରଦାନ କରିଥିବା ବେଳେ ବ୍ୟାଙ୍କ ମିତ୍ର ରଞ୍ଜିତା ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



## ପାଡୁଆଓ କୁଲାବୀର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



**ନନ୍ଦପୁର, ୨୭।୨(ସମିସ):** ପଟାଙ୍ଗି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ବ୍ଲକ ପାଡୁଆ ଓ କୁଲାବିର ଗ୍ରାମ ପଞ୍ଚାୟତରେ ବିଜେଡି ପ୍ରଥମ କର୍ମୀ ସମ୍ମିଳନୀ କରି ଶକ୍ତି ପ୍ରଦର୍ଶନ କରିଛି। ବିଜେଡି ଜିଲ୍ଲା ସମ୍ପାଦକ ସେକ ବାଜି ଓ ସୁରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଟାଙ୍ଗି ବିଧାୟକ ପିତମ କୁମାର ପାଡି ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ସେକ ନୁର, ମୁନା ଦଳପତି, ଯୁବ ନେତା ପ୍ରଭାତ ଗୁରୁମାଇ, ଅମିତ୍ ଅଗ୍ରୱାଲ୍ ପ୍ରମୁଖ ଯୋଗ ଦେଇ ଆଗାମୀ ନିର୍ବାଚନରେ 'ନବୀନ ଓଡ଼ିଶାର ଓ ଓଡ଼ିଶା ନବୀନର' ନାରା ଦେଇଥିଲେ। ରାଜ୍ୟର ବିକାଶ ଧାରାରେ ବିରୋଧି ଅପପ୍ରଚାରକୁ ଦମନ କରି ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ଲୋକଙ୍କୁ ଜଣାଇବାକୁ କର୍ମୀ ଗ୍ରାମ ମୁହାଁ ହେବାକୁ ଆହ୍ୱାନ ଦେଇଛନ୍ତି। ଆୟୋଜିତ କର୍ମୀ ସମ୍ମିଳନୀରେ କାର୍ତ୍ତିକ ଖେମୁଣ୍ଡୁ, କମାୟା ପାଙ୍ଗି, ସିମା ବେହେରା, ଭଗବାନ ପେଟିଆ, ଅନନ୍ତ ରାମ ମାଟାମ, ସହଦେବ ଖରା, ପତି ଗୋଲରୀ, ରୁବା ମଖିଲ, ନୀଳକଣ୍ଠ ମାଝୀ, ଗୋପୀନାଥ ସିଶା, ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟ କ୍ରମରେ ସହଯୋଗ କରରିଥିଲେ।

## ପୁଲିସ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାପଡ଼ାହାଣ୍ଡି, ୨୭।୨(ସମିସ)**

ପାପଡ଼ାହାଣ୍ଡି ଥାନାରେ କାର୍ଯ୍ୟରତ ସେକେଣ୍ଡ ଅଫିସର ଶିବାଜୀ ପଣ୍ଡାଙ୍କୁ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଥାନା ପରିସରରେ ଆଇଆଇସି ଦୀପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟକଳାପ ଓ ଲୋକପ୍ରିୟତା ଉପରେ ଆଲୋକପାତ କରାଯାଇଥିଲା। ପାପଡ଼ାହାଣ୍ଡି ଥାନାରେ ଶ୍ରୀ ପଣ୍ଡା ତିନିବର୍ଷ ହେବ କାର୍ଯ୍ୟରତ ଥିଲେ। ନିକଟରେ ତାଙ୍କୁ ଉମରକୋଟ ଥାନାକୁ ବଦଳି କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ସମସ୍ତ ଥାନା ଅଧିକାରୀ, ସାମ୍ବାଦିକ ପ୍ରବୀଣ କୁମାର ସତନାମୀ, ଗୌତମ ଅଗ୍ରୱାଲ ଉପସ୍ଥିତ ଥିଲେ।



# ଆଇଇଡି ବିସ୍ଫୋରଣରେ ଯବାନ ଆହତ; ୩ ବୋମା ଉଦ୍ଧାର

ମାଲକାନଗିରି,୨୭।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବୀଜାପୁର ଜିଲ୍ଲାରେ ସର୍ଚ୍ଚ ଅପରେସନ ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଗୋଟିଏ ଆଇଇଡି



ବୋମା ବିସ୍ଫୋରଣରେ ଜଣେ ଯବାନ ଆହତ ହେବା ସହ ୩ଟି ବୋମା ଉଦ୍ଧାର କରାଯାଇ ଯବାନଙ୍କ ଦ୍ୱାରା ନିଷ୍କ୍ରିୟ କରାଯାଇଛି। ମିଳିଥିବା ସୂଚନାନୁଯାୟୀ ଜିଲ୍ଲା ସୀମାନ୍ତ ଡୁମୁରିପାଲନାର ଜଙ୍ଗଲରେ ମାଓ ଦମନ ପାଇଁ ସିଏଏଫ ଓ ସ୍ଥାନୀୟ ପୁଲିସର ଯବାନମାନେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଗୋଟିଏ ଆଇଇଡି ବୋମା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ସିଏଏଫର ଯବାନ ପୁନୀତ ନେତାମ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଅନ୍ୟ ସାଥି ଯବାନମାନେ ଚିକିତ୍ସା ପାଇଁ ପଠାଇଥିବା ବେଳେ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ବେଳେ ଆଉ ୩ଟି ଆଇଇଡି ବୋମାକୁ ଠାବ କରିଥିଲେ। ଏହି ବୋମାଗୁଡ଼ିକୁ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ବେଳେ ଯବାନମାନେ ଏହାକୁ ଉଦ୍ଧାର କରି ନିଷ୍କ୍ରିୟ କରିଦେଇଛନ୍ତି। ତେବେ ଜବତ ବୋମାଗୁଡ଼ିକର ଓଜନ ପ୍ରାୟ ୫ କିଲୋ ଲେଖାଏଁ ହୋଇଥିବା ବେଳେ ଏହାପରେ ସମ୍ପୃକ୍ତ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଆହୁରି ଜୋରଦାର କରାଯାଇଛି।

# ବଣିକ ସଂଘର ସଭାଗୃହ ଉଦ୍‌ଘାଟିତ

ଟିକିରି,୨୭।୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରିରେ ସୋମବାର ବଣିକ ସଂଘର ସଭାଗୃହ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକର



ମୁଦୁଲି, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅନୁସୂୟା ମାଝୀ, କଣ୍ଟ ମାଝୀ, ଉତ୍କଳ ଆଲୁମିନାର ସିଇଓ ମେଜେହର ବେଗ, କୌଶିକ ଚରଣ ମିଶ୍ର, ବିଜେପି ବିଧାୟକ ବସନ୍ତ ଉଲ୍ଲକା ଯୋଗଦେଇଥିଲେ। ବଣିକ ସଂଘ ସଭାପତି ମନୋଜ ବେହେରା, ଉପ ସଭାପତି ଚିତ୍ତରଞ୍ଜନ ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ମୁକୁନ୍ଦ ବିଶୋୟୀ, ଡମ୍ବରୁଧର ସାହୁ, ବିଦ୍ୟାଧର ଗୌଡ଼, ସୀମାଞ୍ଚଳ ଷଡ଼ଙ୍ଗୀ, ନରସିଂହ ଷଡ଼ଙ୍ଗୀ, ସମାଜ ସେବୀ ହରପ୍ରସାଦ ନାୟକ, ବିଦ୍ୟା ଦୂରିଆ, ଶଙ୍କରପ୍ରସାଦ ଦୁରିଆ, ଲମ୍ବୋଧର ନାଏକ, ସାମ୍ବାଦିକ ରତ୍ନାକର ନାଏକ ଓ ଡମ୍ବରୁଧର ବେହେରା ଓ କିଛି ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଜଜ୍‌ଙ୍କ ଚନ୍ଦାହାଣ୍ଡି କୋର୍ଟ ପରିଦର୍ଶନ



ଚନ୍ଦାହାଣ୍ଡି, ୨୭।୨(ସମିସ):

ନବରଙ୍ଗପୁର ଜିଲ୍ଲା ତଥା ଦୌରାଜଜ୍ ସଞ୍ଜିବ କୁମାର ଦୁବେ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିଦର୍ଶନରେ ଆସି ଚନ୍ଦାହାଣ୍ଡି କୋର୍ଟ ପାଇଁ ନୂତନ ଭାବେ ପ୍ରସ୍ତାବିତ ଜେଏମ୍ଏଫସି କୋର୍ଟ ଗୃହ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରିଥିଲେ। ଚନ୍ଦାହାଣ୍ଡି ପଞ୍ଚାୟତ ସେମଲାଗୁଡ଼ା ମୌଜାରେ ନୂତନ କୋର୍ଟ ବିଲ୍ଡିଂ ନିର୍ମାଣ ନିମନ୍ତେ ସ୍ଥାନୀୟ ତହସିଲଦାର ସହଦେବ କୁଟ୍ରୁକାଙ୍କୁ ଜାଗା ପ୍ରଦାନ କରିବାକୁ ଜିଲ୍ଲା ଜଜ୍ କହିଥିଲେ। ସିନାପାଲି ଏବଂ ବୋରିଗୁମ୍ମାଠାରେ ନୂତନ କୋର୍ଟ ନିର୍ମାଣ ହେବାକୁ ଚିହ୍ନଟ ହୋଇଥିବା ସ୍ଥାନ ଚନ୍ଦାହାଣ୍ଡି ବ୍ଲକ ମହକୁମା ଠାରୁ ଦୂର ହେବା ସହ ଉକ୍ତ ସ୍ଥାନରେ ବିରାଟ ନାଳ ଓ ଚଟାଣ ଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ସେମଲାଗୁଡ଼ା ମୌଜାରେ ଥିବା ସ୍ଥାନ ପରିଦର୍ଶନ କରି ଉକ୍ତ ସ୍ଥାନର ସମସ୍ତ କାଗଜପତ୍ର ପ୍ରଦାନ କରିବାକୁ ତହସିଲଦାରଙ୍କୁ କହିଥିଲେ। ଏହାପରେ ଚନ୍ଦାହାଣ୍ଡି ଜେଏମ୍ଏଫସି କୋର୍ଟ ପରିଦର୍ଶନ କରିବା ସହ ନଥିପତ୍ର ଯାଞ୍ଚ କରିଥିଲେ। କୋର୍ଟର ବିଭିନ୍ନ ସମସ୍ୟା ନେଇ ଜେଏମ୍ଏଫସି ହିମାଂଶୁ ଶେଖର ଆଚାର୍ଯ୍ୟ ଜିଲ୍ଲା ଜଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ଜଜ୍‌ଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଚନ୍ଦାହାଣ୍ଡି ଜେଏମ୍ଏଫ୍‌ସି ଶ୍ରୀ ଆଚାର୍ଯ୍ୟ, ତହସିଲଦାର ସହଦେବ କୁଟ୍ରୁକା, ରାଜସ୍ୱ ଉପ ପରିଦର୍ଶକ ଦୟାନିଧି ଜାନୀ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅନନ୍ତ ସିହ୍ନା, ଏପିପି ଜୟଦେବ ଖମାରୀ, ଆଇନଜୀବୀ ମହମ୍ମଦ ହୁସେନ, ହୁମେଶ୍ୱର ହଂସ, ଭିଷ୍ମ ସୁନାନୀ, ହିରାଧର ମାଳି, କୋର୍ଟ କର୍ମଚାରୀ କେଦାର ଗୌରୀ ପାଞ୍ଜିଆ, କେଶରୀ ମନହିରା, ଆଶିଷ ସାହୁ, ନିରୁତ୍ତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣି ଖନନ ବେଳେ ଅଘଟଣ, ୪ ଶ୍ରମିକ ମୃତ



ମାଲକାନଗିରି, ୨୭।୨(ସମିସ): ଖଣି ଖନନ ବେଳେ ପଥର ଅତଡା ଭୁସୁଡି ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାସହ କିଛି ଶ୍ରମିକ ବର୍ତ୍ତମାନ ମଧ୍ୟ ପଥର ଅତଡା ତଳେ ଚାପି ହୋଇ ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାର ବଇଲାଡିଲା ଠାରେ ଥିବା ଏନଡିସି ଲୁହାପଥର ଖଣିରେ ଖନନ ସମୟରେ ପଥର ଅତଡା ଖସିଥିଲା। ଫଳରେ ଅନେକ ଶ୍ରମିକ ପଥର ତଳେ ପୋତି ହୋଇ ରହିଥିବା ସୂଚନା ଆସିଛି। ଏହି ଘଟଣାରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିଥିବା ବେଳେ ଏପର୍ଯ୍ୟନ୍ତ ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି। ପଥର ଭୂସ୍ଖଳନ ହେତୁ ଏକ ପୋକଲେନ୍ ମେସିନ୍ ମଧ୍ୟ ଏହି ଅତଡା ମଧ୍ୟରେ ଦବି ରହିଛି। ଏହି ଖନନ କାର୍ଯ୍ୟ ଏଲ୍ ଆଣ୍ଡଟି କମ୍ପାନୀ ଦ୍ୱାରା କରାଯାଉଥିଲା ବେଳେ ଦୁର୍ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ବର୍ତ୍ତମାନ ବରିଷ୍ଠ ଅଧିକାରୀ ଏବଂ ଏସଡିଆରଏଫ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ପୁରା ଘଟଣା କିରାନ୍ଦୁଲ ପୁଲିସ ଷ୍ଟେସନ ଅଞ୍ଚଳର ହୋଇଥିବା ବେଳେ ଘଟଣାସ୍ଥଳକୁ ଏସପି ଗୌରବ ରାୟ ଗସ୍ତ କରି ତଦାରଖ କରୁଥିବା ଜଣ ପଡ଼ିଛି। ବର୍ତ୍ତମାନ ଏହି ଅତଡା ମଧ୍ୟରେ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ବଡ ମେସିନ୍ ଲଗାଯାଇ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣା ପରେ ଖଣି ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ୧୫୦୦ କୋଟି ଟଙ୍କା ବ୍ୟୟରେ ସ୍କ୍ରିନିଂ ପ୍ଲାଣ୍ଟ ନିର୍ମାଣ ପାଇଁ ଏଲ ଆଣ୍ଡଟି କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଏହି ଖନନ କାର୍ଯ୍ୟ ହେଉଥିଲା। ଯେଉଁଥିପାଇଁ ବିରାଟ ପର୍ବତ ଖୋଳିବା ସହ ଟନେଲ କରି କାନ୍ଥ ନିର୍ମାଣ କରୁଥିବାବେଳେ ବଡ ଅତଡା ତଳକୁ ଖସି ଯାଇଥିଲା। ଯାହାଫଳରେ ଭିତରେ କାର୍ଯ୍ୟ କରୁଥିବା ଚାରି ଜଣ ଶ୍ରମିକ ଏହି ଅତଡା ମଧ୍ୟରେ ପୋତି ହୋଇ ଯାଇଥିବା ବେଳେ ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ପଥର ଭାଙ୍ଗିବା ମେସିନର ଚାଳକ ସୌଭାଗ୍ୟ ବଶତ ମେସିନରୁ ଡେଇଁ ନିଜ ଜୀବନ ବଞ୍ଚାଇଥିବା ଜଣାପଡ଼ିଛି।

# କୋରାପୁଟରେ ନିର୍ମାଣ ହେବ ଅତ୍ୟାଧୁନିକ ପ୍ରେସ୍ କମନରୁମ୍

କୋରାପୁଟ,୨୭।୨(ସମିସ)

କୋରାପୁଟ ଜିଲ୍ଲା ସଦର ମହକୁମାକୁ ଆସୁଥିବା ସାମ୍ବାଦିକମାନଙ୍କ ପାଇଁ ଖୁସି ଖବର। କୋରାପୁଟ ସଦର ମହକୁମାରେ ନିର୍ମାଣ ହେବ ଅତ୍ୟାଧୁନିକ ପ୍ରେସ୍ କମନରୁମ୍। ଏଣିକି ଏହି କମନରୁମରେ ବସି କୋରାପୁଟର ସାମ୍ବାଦିକ ଖବର ସଂଗ୍ରହ ଓ ପ୍ରେରଣ କାର୍ଯ୍ୟ ସମାପନ କରିପାରିବେ। ତଥ୍ୟ ସଂଗ୍ରହ ପାଇଁ ଆସୁଥିବା ସାମ୍ବାଦିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ବସିବା ପାଇଁ ସ୍ଥାନ ଅଭାବରୁ ଏଣେତେଣେ ଠିଆ ହେଉଥିଲେ। ଏହାକୁ ଜିଲ୍ଲାପାଳ ହୃଦୟଙ୍ଗମ କରି ସାମ୍ବାଦିକଙ୍କ ପାଇଁ କୋରାପୁଟ ସଦରମହକୁମାରେ ଅତ୍ୟାଧୁନିକ ପ୍ରେସ୍ କମନରୁମ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକଙ୍କ ପାଇଁ ଏହି ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ସାମ୍ବାଦିକମାନେ ଦେଶବିଦେଶର ଖବର ଜାଣିବା ପାଇଁ ଟିଭି ଲଗାଯିବା ସହ ବସିବା ପାଇଁ ଚେୟାର ଟେବୁଲ ଓ ବିଶୁଦ୍ଧ ପାନୀୟ ଜଳ



## ଉପକୃତ ହେବେ ସାମ୍ବାଦିକ

ଯୋଗାଣ ବ୍ୟବସ୍ଥା ରହିଥିବା ଶୀତତାପ ନିୟନ୍ତ୍ରୀତ ଅତ୍ୟାଧୁନିକ ପ୍ରେସ୍ କମନରୁମ୍ ବ୍ୟବସ୍ଥା କରାହେବ। ସାମ୍ବାଦିକଙ୍କ ସମସ୍ୟାର ସମାଧାନ ସକାଶେ ଜିଲ୍ଲା ଏସୟୁଜେ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଜିଲ୍ଲାପାଳ ଅନୁରୋଧ ରକ୍ଷା କରି ପଦକ୍ଷେପ ଗ୍ରହଣ କରିଛନ୍ତି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଘଟଣାସ୍ଥଳ ପରିଦର୍ଶନ କରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ଯନ୍ତ୍ରୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏସୟୁଜେ ସଂଗଠନର ଅନୁରୋଧକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରିଥିବାରୁ କୋରାପୁଟ ଜିଲ୍ଲା ଏସୟୁଜେ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ମଧ୍ୟ ଜିଲ୍ଲାପାଳଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

# ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଚନ୍ଦ୍ରପୁର,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅନ୍ତର୍ଗତ ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଅଧିକାରୀ ବାଳକୃଷ୍ଣ ବିହାରୀ, ସମ୍ମାନିତ ଅତିଥି ଭାବେ ବୁଡୁବାଲି ସରପଞ୍ଚ ଭୀମ ଗଗେରେଙ୍ଗା, ହନୁମନ୍ତପୁର ସିଆରସି ହରେକୃଷ୍ଣ ଶବର, ବୁଡୁବାଲି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ, ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋପାଳ କାଡ୍ରାକା, କ୍ଷମାନିଧି ପୁଟା, ଜୟନ୍ତ କୁମାର ପିପଲୀ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବାବୁଡୁ ଦିବାକା, ପୂର୍ବତନ ବିଦ୍ୟାଳୟ କମିଟି ସଭାପତି ମଲ ଗୁଲୁଡୁକା, ଗଣମାଧ୍ୟମ ପ୍ରତିନିଧି ଏସ ଈଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ଭାବେ ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପିପଲୀ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର ଦୌଡ଼ି ଡିଆଁ, ପୁଚି ଖେଳ ପ୍ରତିଯୋଗିତା ହୋଇଥିବାବେଳେ ବୁଧବାର ୧୦୦ ମିଟର ଦୌଡ଼, ମ୍ୟୁଜିକ୍ ଚେୟାର ଅନ୍ୟ ଖେଳ ପ୍ରତଯୋଗିତା ହେବ ବୋଲି ଉର୍ମିଳା ପିପଲୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜୁ ଦିବାକା, ବାହିଲା ଗୁଲୁଡୁକା, ଦିଲେଶ୍ୱର ଗୁଲୁଡୁକା, ପ୍ରହଲ୍ଲାଦ ମାଣ୍ଡାଙ୍ଗି ଓ ସୁକାନ୍ତି ଗୁଲୁଡୁକା ପ୍ରମୁଖ ଏହି ଖେଳ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

# ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ହାତ ଯୋଡ଼ି ଗୁହାରୀ କଲେ; ମାର୍ଚ୍ଚ ଶେଷ ସୁଦ୍ଧା ବିଜୁଳି ପହଞ୍ଚିବ ବୋଲି ମିଳିଲା ପ୍ରତିଶ୍ରୁତି

ନାରାୟଣପାଟଣା,୨୭।୨(ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରଥମ ଥର ନୂତନ ଜିଲ୍ଲାପାଳ କୀର୍ତ୍ତି ଭାସନ. ଭି ଉପସ୍ଥିତ ରହି ବ୍ଲକର ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ସମୁଦାୟ ୯୫ଟି ଅଭିଯୋଗ ମଧ୍ୟରେ ୭୪ଟି ଗୋଷ୍ଠୀ ଗତ ଓ ୨୨ଟି ବ୍ୟକ୍ତିଗତ ଅଭିଯୋଗ ପହଞ୍ଚିଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, କୃଷି, ଆବାସ ଯୋଜନା, ରାସ୍ତା, ଡ୍ରେନ, ମିଶନଶକ୍ତି ଓ ମନରେଗା ଉପରେ ଅଭିଯୋଗ ହୋଇଥିଲା। କିନ୍ତୁ ଆଜିର ଜନଶୁଣାଣିରେ ପ୍ରଥମେ ବାରିଗୀ ପଞ୍ଚାୟତରୁ ବହୁ ଲୋକ ଜିଲ୍ଲାପାଳଙ୍କ ନିକଟକୁ ନାଳପଦର ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଜୁଳି ପହଞ୍ଚି ପାରିନାହିଁ ବୋଲି ବହୁ ଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ





ଜଣାଇ ଥିଲେ ମଧ୍ୟ ତାହାକୁ କୌଣସି ଅଧିକାରୀ ଗୁରୁତ୍ୱ ଦେଉନଥିବା କହିଥିଲେ। ଜିଲ୍ଲାପାଳ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ତୁରନ୍ତ ଏହା ଉପରେ କାମ କରିବାକୁ କହିଥିଲେ। କିନ୍ତୁ ବିଦ୍ୟୁତ୍ ବିଭାଗର କଥାକୁ ବିଶ୍ୱାସ କରିନଥିଲେ ଗ୍ରାମବାସୀ। ଜନଶୁଣାଣି ପରେ ଆସିଥିବା ଗ୍ରାମବାସୀ ଜିଲ୍ଲାପାଳ ଯିବା ସମୟରେ ହାତଯୋଡ଼ି ତଳେ ଆଣ୍ଠେଇ ଆଉଥରେ ଗୁହାରୀ କରିଥିଲେ। ପରେ ସମସ୍ତ ଗ୍ରାମବାସୀଙ୍କୁ ମିଟିଂ ହଲକୁ ଡାକି ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ମାର୍ଚ୍ଚ ମାସ ଶେଷସୁଦ୍ଧା ଗାଁକୁ ବିଜୁଳି ପହଞ୍ଚିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବ୍ଲକବାସୀଙ୍କ ବିକାଶ ପାଇଁ ଜିଲ୍ଲାପାଳଙ୍କ ନିକଟରେ ତିନିଟି ପ୍ରମୁଖ ଦାବି ଯଥାଶୀଘ୍ର ସମାଧାନ ଦିଗରେ ଦାବି ରଖିଲେ ପ୍ରମୁଖ ଗଣମାଧ୍ୟମ। ରାଜଧାନୀକୁ ସିଧାସଳଖ ଯୋଡ଼ିହେବା ପାଇଁ ଜୟପୁର-ଭୁବନେଶ୍ୱର ଭାୟା ବନ୍ଧୁଗାଁ କୁମ୍ଭାରୀପୁଟ, ଜୟପୁର-ବିଶାଖାପାଟଣା ଭାୟା ପାର୍ବତୀପୁର, ନାରାୟଣପାଟଣା ବ୍ଲକ ନୂତନ ସିଏଚସି କୋଠା ନିର୍ମାଣ ପାଇଁ ଆସିଥିବା ୧୨ କୋଟି ଟଙ୍କାରେ ଗାଁ ପାଖରେ ଜମି ଚିହ୍ନଟ, ମେଡିକାଲରେ ନୂତନ ଆମ୍ବୁଲାନ୍ସ ଡିଏମ୍ଏଫ୍ ପାଣ୍ଠିରୁ ଯୋଗାଇବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଦୀ ତ୍ରିନାଥ, ପ୍ରୋଭିଜନାଲ ଆଇଏସ ସୌମ୍ୟରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ, ପିଡିଡିଆରଡିଏ ସୌମ୍ୟ ସାର୍ଥକ ମିଶ୍ର ପ୍ରମୁଖ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହଯୋଗ ଦେଇଥିବାବେଳେ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ନାରାୟଣପାଟଣା ବିଡିଓ ପିଉଷ ଲୁହାର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଗତ ଜିଲ୍ଲାପାଳଙ୍କ ପାଖରେ ନାରାୟଣପାଟଣା ବ୍ଲକର ମାଳମାଳ ଅଭିଯୋଗ ହେଉଥିଲା। କିନ୍ତୁ ମାତ୍ର ହାତଗଣତି କେତୋଟି ଅଭିଯୋଗ ସମାଧାନ ହେଉଥିଲାବେଳେ ବାକି ସବୁ ନାଲିଫିତା ତଳେ ରହି ଯାଉଥିଲା। ତେଣୁ ଆଜିର ଅଭିଯୋଗ ଶୁଣାଣିରେ ନୂତନ ଜିଲ୍ଲାପାଳ ଯୋଗଦେଇଥିବାରୁ ସମସ୍ତ ଅଭିଯୋଗର ସମାଧାନ ହେବ ବୋଲି ଅଭିଯୋଗକାରୀମାନେ ଆଶା ବାନ୍ଧିଥିବାବେଳେ କେତେ ଦିନ ଭିତରେ ସମସ୍ତ ଅଭିଯୋଗର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା। ଶାନ୍ତି ଶୃଙ୍ଖଳା ପାଇଁ ନାରାୟଣପାଟଣା ଥାନା ଆଇଆଇସିଙ୍କ ସମେତ ବ୍ୟାପକ ପୁଲିସ କର୍ମୀ ମୁତୟନ କରାଯାଇଥିଲା।

# ଐତିହାସିକ ପୋଡ଼ାଗଡ଼ ପୀଠରେ ମାଘ ମଣ୍ଡେଇ ପର୍ବ



ଉମରକୋଟ, ୨୭।୨(ସମିସ): ଐତିହାସିକ ପୋଡ଼ାଗଡ଼ ପୀଠର ମାଘମଣ୍ଡେଇ ରାଜା ମହାରାଜା ଅମଳରୁ ପାଳନ ହୋଇ ଆସୁଥିବା ମଣ୍ଡେଇ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଉକ୍ତ ମାଘ ମଣ୍ଡେଇରେ ସମସ୍ତ ଦେବାଦେବୀ, ଶିରା, ପୂଜାରୀ, ଲାଠି ଓ ପାଲିଙ୍କି ଏବଂ ପଡୋଶୀ ରାଜ୍ୟ ଛତିଶଗଡ଼ର କିଛି ଦେବାଦେବୀଙ୍କ ଲାଠି, ପାଲିଙ୍କି ଯୋଗଦେଇଥିବା ବେଳେ ଏହି ମାଘ ମଣ୍ଡେଇରେ ଉମରକୋଟ ଅଞ୍ଚଳର ଆଖପାଖ ଅଞ୍ଚଳର ଭକ୍ତ ଓ ଛତିଶଗଡ଼ର ବସ୍ତର ଅଞ୍ଚଳ ଭକ୍ତ ଯୋଗ ଦେଇଥିଲେ। ଉକ୍ତ ମଣ୍ଡେଇରେ ବିଭିନ୍ନ ପ୍ରକାରର ଦୋକାନ ବଜାର ବସିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ତିନି ମୁଠା, ବୋରିଗାଁ, ପରିଆ, ହୀରପୁରର ସମସ୍ତ ଦେବଦେବୀ ପ୍ରତୀକ ଲାଠି କୁର୍ଚି ଓ ବିମାନ ସହ ପଡୋଶୀ ରାଜ୍ୟ ଛତିଶଗଡ଼ ରାଜ୍ୟ କଲାବାଲି, କର୍ପାବଣ୍ଡ, ଭୟବେଲି, ଅମରାବତୀ ତେର ଗୋଟି ଗ୍ରାମର ଦେବାଦେବୀଙ୍କ ଲାଠି, କୁର୍ଚି ଉପସ୍ଥିତ ଥିଲେ। କେବଳ ଦେବଦେବୀଙ୍କ ରୀତିନୀତି ପ୍ରକାରେ ମଣ୍ଡେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହି ମଣ୍ଡେଇର ବିଶେଷତ୍ୱ ହେଲା ନଳ ବଂଶର ରାଜତ୍ୱ ସମୟରେ ଏହି ଅଞ୍ଚଳକୁ ପୁଷ୍କର ବୋଲି କୁହାଯାଉଥିଲା। ଏହି ଠାରୁ ଅବିଭକ୍ତ କୋରାପୁଟ କଳାହାଣ୍ଡି, ଛତିଶଗଡ଼ ଏବଂ ମହାରାଷ୍ଟ୍ର ପର୍ଯ୍ୟନ୍ତ ଏହି ନଳ ବଂଶର ରାଜାମାନଙ୍କ ରାଜତ୍ୱ ଥିଲା। ସେହି ସମୟରୁ ପ୍ରତିବର୍ଷ ମାଘ ମାସରେ ଦେବଦେବୀଙ୍କ ମିଳନ ବା ମଣ୍ଡେଇ ପାଳନ ହୁଏ। ସେହି ପରମ୍ପରା ଓ ସଂସ୍କୃତିକୁ ସ୍ଥାନୀୟ ଆଦିବାସୀ ଆଜି ପର୍ଯ୍ୟନ୍ତ ବଜାଇ ରଖିଛନ୍ତି। ଏହି ଦେବାଦେବୀ ମିଳନ ବା ମଣ୍ଡେଇକୁ ଦେଖିବାକୁ ଓଡ଼ିଶା ତଥା ଛତିଶଗଡ଼ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଏହି ସମୟରେ ନଳ ବଂଶ ରାଜତ୍ୱ ସମୟର ଧ୍ୱଂସାବଶେଷକୁ ଦେଖିବାକୁ ସୁଯୋଗ ପାଇଥାନ୍ତି। ପ୍ରତିବର୍ଷ ରାଜାଙ୍କ ଇଷ୍ଟ ଦେବୀ ଉପର ଗଡ଼ରେ ଥିବା ଗାଦୀମା ମନ୍ଦିର ଭୈରବ ଓ ଚାଉଁରୀୟା, ଦନ୍ତେଶ୍ୱରୀ, ବିର ନାରାୟଣଙ୍କ ନାମରେ ଏହି ମଣ୍ଡେଇ ପାଳିତ ହୋଇଥାଏ। ବର୍ତ୍ତମାନ ସମୟରେ ପୋଡ଼ାଗଡ଼ରେ ପୋଡ଼ାଗଡ଼ ସେବାୟତ ଚାରିଟେବୁଲ ଟ୍ରଷ୍ଟ ଗଠନ କରାଯାଇଛି। ଏହି ଟ୍ରଷ୍ଟର ସଦସ୍ୟମାନେ ମଣ୍ଡେଇକୁ ସମ୍ପୂର୍ଣ୍ଣ ପରିଚାଳନା କରିଥାନ୍ତି। ସ୍ଥାନୀୟ ଭାଷାରେ ମଣ୍ଡେଇର ଅର୍ଥ ହେଲା ମେଳଣ। ଗୋଟିଏ ପକ୍ଷରେ ଏହି ମଣ୍ଡେଇରେ ଦେବଦେବୀଙ୍କ ମେଳଣ ହେବା ସହ ବହୁ ଦୂର ଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ନିଜ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ପାଇଥାନ୍ତି। ଏହି ସମୟରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମାନ ଖୋଲି ଥାଏ। ଲୋକମାନେ ଆବଶ୍ୟକୀୟ ଜିନିଷ ପତ୍ର କିଣିଥାନ୍ତି। ଚଳିତ ବର୍ଷ ମଣ୍ଡେଇ ପରିଚାଳନାରେ ପୋଡ଼ାଗଡ଼ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବନୀକରଣକୁ ନେଇ ଖୂନିବର ଗ୍ରାମବାସୀଙ୍କ ଭ୍ରମ

# କଂଗ୍ରେସ ଓ ବିଜେଡି ନେତା ପହଞ୍ଚି ଗ୍ରାମବାସୀଙ୍କ ସହ କଲେ ଆଲୋଚନା

ନନ୍ଦପୁର,୨୭।୨(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଲଡା ନାଗେଶ୍ୱରୀ ପାହାଡ଼ ଖନନ ନେଇ କଳିଙ୍ଗ ଆଲୁମିନା କମ୍ପାନୀକୁ ଲିଜ୍ ପ୍ରଦାନ କରାଯାଇଛି। କମ୍ପାନୀ ଅଞ୍ଚଳବାସୀଙ୍କ ସହ ଆଲୋଚନା, ୫ଟି ପଞ୍ଚାୟତ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ସ୍କୁଲବ୍ୟାଗ୍ ସହ ପାଠ୍ୟ ଉପକରଣ ପ୍ରଦାନ ଏବଂ ସେହି ଅଞ୍ଚଳର ଗରିବ ବୃଦ୍ଧବୃଦ୍ଧାମାନଙ୍କୁ ଶୀତ ବସ୍ତ୍ର ଦେବା ସହ ପାରିପାର୍ଶ୍ୱିକ ଉନ୍ନୟନମୂଳକ କାର୍ଯ୍ୟ କରୁଆସୁଛି। ତେବେ ୨୦୨୩ ଅଗଷ୍ଟ ୪ ତାରିଖରେ କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଖୂନବର ୧୨୪ ଏକର ଓ କଣ୍ଡରା ଜଙ୍ଗଲର ୩୯୬ ଏକର ଜଙ୍ଗଲ ଜମିରେ ନୂତନ ବନୀକରଣ ପାଇଁ ବନ ବିଭାଗକୁ ପତ୍ର ଲେଖିଛନ୍ତି। ଜିଲ୍ଲାପାଳଙ୍କ ପତ୍ର ପ୍ରକାରେ ଉଭୟ ଗ୍ରାମରେ ବନୀକରଣ ନେଇ ସୀମା ନିର୍ଦ୍ଧାରଣ ପରିସରରେ ଧିମ୍ପା ଲଗାଇବା ଓ ଖୁଣ୍ଟ ପୋତିବା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ବନୀକରଣକୁ ନେଇ ଉଭୟ ଦୁଇ ଗ୍ରାମବାସୀଙ୍କ



ପକ୍ଷରୁ ପାହାଡ଼ ଖନନ କରାଯାଉଥିବା ଭ୍ରମ ସୃଷ୍ଟି ହୋଇଛି। ସେପଟେ ଏନେଇ ସୋମବାର ଖୂନିବର ଗ୍ରାମ ପଞ୍ଚାୟତରେ ଏକ ମେଳି ହୋଇଥିଲା। ତେବେ କଂଗ୍ରେସ ପକ୍ଷରୁ ନନ୍ଦପୁର ବ୍ଲକ ସଭାପତି କାମେଶ କାମୁଡି ଓ ପୂର୍ବତନ ବିଧାୟକ ରାମଚନ୍ଦ୍ର କଡାମ ମଧ୍ୟ ଉପସ୍ଥିତ ରହିଥିବାବେଳେ ଖବର ପାଇ ନନ୍ଦପୁର ବିଜେଡି ପ୍ରତିନିଧି ଦଳ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ନେତୃତ୍ୱରେ ମୁନା ଦଳପତି, ସେକ ନୂର, ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ ଖୂନିବାର ଗ୍ରାମ ପଞ୍ଚାୟତରେ ପହଞ୍ଚିଥିଲେ। ତେବେ ଉଭୟ ଦଳ ପକ୍ଷରୁ ଜଙ୍ଗଲରେ ହେବାକୁ ଥିବା ବନୀକରଣକୁ ନାନାମତ ରଖିଥିବାବେଳେ ଖୂନିବାର ଓ କଣ୍ଡରା ଜଙ୍ଗଲ ମଧ୍ୟରେ ହେବାକୁ ଥିବା ବନୀକରଣକୁ ଆଶଙ୍କା ଘନିଭୂତ ହେବାକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ପ୍ରତିନିଧି ଦଳ ଖୂନିବାର ଓ କଣ୍ଡରା ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନାନୁଯାୟୀ, ଗତ ମାସେ ତଳେ ଉଭୟ ଗ୍ରାମର ଲୋକେ ବନୀକରଣ ଭ୍ରମ ନେଇ ବାଲଡ଼ା ବନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ରେଞ୍ଜର ବାଦଲ କୁମାର୍ ମହାନ୍ତିଙ୍କ ସହ ଆଲୋଚନା କରି ଫେରିଥିଲେ। ବନୀକରଣ କାର୍ଯ୍ୟ ଆରମ୍ଭ ହେବା ସମୟରେ କଂଗ୍ରେସ ଏହାକୁ ନେଇ ରାଜନୀତି କରୁଛି ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା। ସେ କହିଛନ୍ତି ତରତର ନ ହୋଇ ସଠିକ୍ ତଥ୍ୟ ରଖି କାହା କଥାରେ ଭାସି ନଯାଇ ବନୀକରଣ ହେଲେ କ'ଣ କ୍ଷତି ହୋଇଛି ନା ଲାଭ ହୋଇଛି ଗ୍ରାମବାସୀ ଚିନ୍ତାକର ବୋଲି କହିଛନ୍ତି। ଜଙ୍ଗଲରେ ହେବାକୁ ଥିବା ବନୀକରଣ ବନବିଭାଗ ଦ୍ୱାରା ହେବ। ସେ ଗାଁର ଲୋକମାନେ ବନୀକରଣରେ ସାମିଲ ହୋଇ କାମ କରିବେ। ଜଙ୍ଗଲ ସୁରକ୍ଷା ମଧ୍ୟ ଗ୍ରାମବାସୀ କରିବେ ବୋଲି ଗ୍ରାମବାସୀଙ୍କ ଆଗରେ ମତ ରଖିଥିଲେ। ତେବେ ସେପଟେ ପୂର୍ବତନ ବିଧାୟକ ରାମଚନ୍ଦ୍ର କଡାମ କହିଛନ୍ତି, ଉଭୟ ଗ୍ରାମବାସୀଙ୍କ ସହମତିରେ ଆଲୋଚନା ମଧ୍ୟ ସରକାର ଓ ପ୍ରଶାସନ ପକ୍ଷରୁ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ଗ୍ରାମବାସୀଙ୍କ ମତାମତ ନେଇ କାର୍ଯ୍ୟ କଲେ ସେମାନଙ୍କ ଆଶଙ୍କା ଦୂର ହେବା ସହ କାମ ମଧ୍ୟ ହୋଇପାରିବ ବୋଲି ସେ କହିଛନ୍ତି।।

# ଆଜି ଉଦ୍‌ଘାଟନ ହେବ ସାଇନ୍ସ ପାର୍କ



**ଜୟପୁର,୨୭।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ତେଲିଗୁଡ଼ାଠାରେ ନିର୍ମିତ ସାଇନ୍ସ ପାର୍କକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବେ। ଏନେଇ ଜୋରଦାର ପ୍ରସ୍ତୁତି ଶେଷ ହୋଇଥିବାବେଳେ ସାଇନ୍ସ ପାର୍କ ଭିତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗତ ପ୍ରାୟ ୫ ବର୍ଷରୁ ଉର୍ଦ୍ଧ୍ୱ ଏହି ସାଇନ୍ସ ପାର୍କ ଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଏହି ସାଇନ୍ସ ପାର୍କ ନିର୍ମାଣ କରାଯାଇଛି। ଏଥିରେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀ ରଖାଯିବା ସହିତ ଭିଡିଓ ସ୍କ୍ରିନିଂ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବେ। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଜିଲ୍ଲା ଶିକ୍ଷା ବିଭାଗକୁ ଏହାକୁ ହସ୍ତାନ୍ତର କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାର୍ଚୁଆଲ ମାଧ୍ୟମରେ ଉଦଘାଟନ କରିବେ। ସେହିପରି ଜୟପୁରଠାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହିବେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ମଣ୍ଡଳୀର ବିଧାୟକ, ବିଧାୟିକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଏହି ବିଜ୍ଞାନ ପାର୍କ କାର୍ଯ୍ୟକାରୀ ହେଲେ ପ୍ରବେଶ ପାଇଁ ଟିକଟ ବ୍ୟବସ୍ଥା କରାଯାଇଛି। ଟିକଟ ଦର ନିର୍ଦ୍ଧାରିତ ହୋଇପାରିନାହିଁ। କିନ୍ତୁ ଦର୍ଶକମାନେ ଟିକଟ କ୍ରୟ କରିବା ପରେ ସାଇନ୍ସ ପାର୍କ ଭିତରେ ପ୍ରବେଶ କରିବା ସହିତ ବିଭିନ୍ନ ପଦାର୍ଥ, ରାସାୟନିକ, ଜୈବିକ ସମ୍ବନ୍ଧୀୟ ବିଜ୍ଞାନ ସାମଗ୍ରୀ ଦେଖିବା ସହିତ ବିଭନ୍ନ ବିଷୟ ଜାଣିବା ନେଇ ସୁବିଧା ଉପଲବ୍ଧ ହେବ।

# ରାଇପାଡ଼ରେ ସ୍ଥିତି ସମୀକ୍ଷା କଲେ ବିଦ୍ୟୁତ୍ ଯନ୍ତ୍ରୀ



**ନନ୍ଦପୁର,୨୭।୨(ସମିସ):** ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗୋଲୁର ଗ୍ରାମ ପଞ୍ଚାୟତର ରାଇପାଡ଼ ଗ୍ରାମବାସୀଙ୍କ ପାଇଁ ରାଜ୍ୟ ସରକାଙ୍କ ବିଜୁ ପକ୍କା ପରେ ବିଦ୍ୟୁତ୍ ସଂଯୋଗ ନେଇ କାର୍ଯ୍ୟ ଶେଷ ହୋଇଥିବାବେଳେ ସୋମବାର ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ବିକାଶ କୁମାର ଚୌଧୁରୀ ବିଭାଗୀୟ କର୍ମଚାରୀଙ୍କ ସହ ରାଇପାଡ଼ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସୂଚିତ ଯେ, ଆନ୍ଧ୍ର-ଓଡ଼ିଶା ବିବାଦ ଥମିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଇପାଡ଼ ଗ୍ରାମରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ତଥା ୧୩ ପରିବାରଙ୍କୁ ବିଜୁ ପକ୍କା ଘର ପ୍ରଦାନ ନିମନ୍ତେ ପ୍ରକ୍ରିୟା ପଞ୍ଜିକୃତ ଶେଷ ହୋଇଥିବାବେଳେ ରାଇପାହାଡ଼ ଗ୍ରାମବାସୀଙ୍କ ପାଇଁ ଆଲୋକ ବ୍ୟବସ୍ଥା କରିବାକୁ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ତେବେ ରାଇପାଡ଼ ଦ୍ୱାରମୁହଁରେ ଓଡ଼ିଶା ବିଦ୍ୟୁତ ପହଞ୍ଚିଥିବାବେଳେ ଆଲୁଅକୁ ଅପେକ୍ଷା କରିଛନ୍ତି ରାଇପାଡ଼ବାସୀ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଗ୍ରାମ ବିଦ୍ୟୁତ୍ ସଂଯୋଗ ନିମନ୍ତେ କାର୍ଯ୍ୟ ଶେଷ ହୋଇଥିବାବେଳେ ସୋମବାର ବିଭାଗୀୟ ଯନ୍ତ୍ରୀଙ୍କ ସମୀକ୍ଷା ପରେ ଗ୍ରାମବାସୀଙ୍କ ପାଇଁ ମଧ୍ୟ ଖୁସି ଆସିଛି। ଏନେଇ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା କହିଛନ୍ତି, ଖୁବଶୀଘ୍ର ରାଇପାଡ଼ ଗ୍ରାମର ଘରେ ଘରେ ଓଡ଼ିଶା ବିଦ୍ୟୁତ୍ ଜଳିବ। ଶେଷ ପର୍ଯ୍ୟାୟ ଆସିଛି ଦୁଇ ଦିନ ମଧ୍ୟରେ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଆନ୍ଧ୍ର ଆଲୁଅ ବିଚ୍ଛିନ୍ନ ପାଇଁ ଜଣାଇବୁ ବୋଲି କହିଛନ୍ତି।

# ଲକ୍ଷ୍ମୀପୁରରେ 'ଆମ ହସ୍ପିଟାଲ୍' ଲୋକାର୍ପିତ

**ଲକ୍ଷ୍ମୀପୁର,୨୭।୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦରରେ ସୋମବାର ସନ୍ଧ୍ୟାରେ ସାଢ଼େ ତିନି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା 'ଆମ ହସ୍ପିଟାଲ୍'କୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ମିନି ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ହଜାରହଜାର ଲୋକ ଯୋଗଦେଇଥିଲେ। ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ସବୁବେଳେ ଚେଷ୍ଟିତ ରହି ଆସୁଛନ୍ତି। ତେଣୁ ବିଜୁ ସ୍ୱାସ୍ଥ୍ୟ କାର୍ଡଠାରୁ ଆରମ୍ଭ କରି ଅନେକ ବ୍ୟବସ୍ଥା କରି ଆସିଛନ୍ତି। ପ୍ରତିଟି ଜୀବନ ହେଉଛି ମୂଲ୍ୟବାନ। ଏହାର ସୁରକ୍ଷା ଦାୟିତ୍ୱକୁ ଗୁରୁତର ସହିତ ରାଜ୍ୟ ସରକାର ନେଇ ଆସୁଛନ୍ତି। ସେହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ତିନି କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରି ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ୍ ଯୋଜନାରେ ରୂପାନ୍ତରୀତ କରିବା ସହ 'ଆମ ହସ୍ପିଟାଲ' ଭାବେ ନାମିତ କରିଛନ୍ତି ବୋଲି ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଛନ୍ତି। ଏହି ହସ୍ପିଟାଲ ଲୋକାର୍ପଣ ପରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବ୍ଲକ୍ ଅଧ୍ୟକ୍ଷା ଆରତୀ କୁଲଦୀପ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କୁ ଭାବବିହ୍ୱଳ କଣ୍ଠରେ କୃତଜ୍ଞତା ଜଣାଇଥିଲେ। ଲକ୍ଷ୍ମୀପୁରଠାରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ପିଡି, ବିଡିଓ ଗୁରେଶ୍ୱର ଭୋଇ, କନିଷ୍ଠ ଯନ୍ତ୍ରୀ ଏମ୍ ପବନ କୁମାର, ଯନ୍ତ୍ରୀ ଗୋପାଳ ମିଞ୍ଜ, ଜିପିଓ ସୁଧୀର କୁମାର ବେହେରା ଓ ଅନ୍ୟାନ୍ୟ ବ୍ଲକ୍ କର୍ମଚାରୀ ଉପସ୍ଥିତ ରହିଥିଲେ। ଏଥିସହ ଡା. ନବକିଶୋର କୁଣ୍ଡୁଙ୍କ ସହ ଅନ୍ୟ ଡାକ୍ତର ମଧ୍ୟ ଉପସ୍ଥିତ ରହିଥିଲେ। ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସଧାରଣ ସମ୍ପାଦକ କୁମୁଦ ଚନ୍ଦ୍ର ସାଉନ୍ତା, ଅଧ୍ୟକ୍ଷା ଶୁଆଇ କୁଲେସିକା, କୌଶଲ୍ୟା ହିକକା, ଏସଡିସି ସଭ୍ୟ ପାରଦା କୁଲେସିକା, ସ୍ଥାନୀୟ ବିଧାୟକ ପ୍ରଭୁ ଯାନୀ, ପଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ି ଓ ବିଜେଡିର ପର୍ଯ୍ୟବେକ୍ଷକ ସୁନିଲ ମହାନ୍ତି ଉପସ୍ଥିତ ଥିଲେ।



# ରାୟଗଡ଼ା ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

## ସେତୁ, ଓଭରବ୍ରିଜ୍ ଓ ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ଅସନ୍ତୋଷ

**ରାୟଗଡ଼ା,୨୭।୨(ସମିସ):** ରାୟଗଡ଼ା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଦିଶା) କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାଏଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ମନେରଗା, ଡିଡିୟୁ-ଜିକେୱାଇ, ପିଏମଜିଏସୱାଇ, ରାସ୍ତା ଓ କୋଠାବାଡ଼ି ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ବିଭାଗ, ଖାଦ୍ୟ ଯୋଗାଣ ବିଭାଗର ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଆଦି ବିଭାଗଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ବିଷୟରେ ସାଂସଦ ଶ୍ରୀ ଉଲ୍ଲାକା ଆଲୋଚନା କରିଥିଲେ। ସାଂସଦ ପାଣ୍ଠିରେ ନିର୍ମାଣ ହୋଇଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅନେକ ନିର୍ମାଣକାରୀ ସଂସ୍ଥା ଅର୍ଥରାଶି ପାଇ ନ ଥିବାରୁ ସାଂସଦ ଉଦବେଗ ପ୍ରକାଶ କରିଥିଲେ। ତେବେ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାକୁ ଅନଲାଇନ ଡିବିଟି ମାଧ୍ୟମରେ ଅର୍ଥରାଶି ପୈଠ କରାଯାଉଥିବା ନେଇ ବୈଠକରେ ଉପସ୍ଥିତ ଯୋଜନା ଅଧିକାରିଣୀ ଜୟନ୍ତୀ କୁମାରୀ ନାୟକ ପ୍ରକାଶ କରିଥିଲେ। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା ସମ୍ପର୍କିତ ଆଲୋଚନାରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ, ଡାକ୍ତର, ସର୍ଜରୀ ବିଶେଷଜ୍ଞ ନ ଥିବାବେଳେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବାଧା ଉପୁଜୁଥିବା ନେଇ ସିଡିଏମଓ ଡା. ରାଉତରାଏ ସୂଚନା ଦେଇଥିବାବେଳେ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦ ଶ୍ରୀ ଉଲ୍ଲାକା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଆବଶ୍ୟକ ପଡୁଥିବା ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣରେ ଥିବା ସମସ୍ୟା ବିଷୟରେ ଆଇସିଡିଏସ୍ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସେହିପରି ଜେକେପୁର-ଅମଲାଭଟ୍ଟା ମଧ୍ୟରେ ଥିବା ନାଗାବଳୀ ସେତୁ, ରାୟଗଡ଼ା ଓଭରବ୍ରିଜର ମରାମତି ଓ ବାଇପାସ୍ ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ଜାତୀୟ ରାଜପଥ ବିଭାଗ ରାୟଗଡ଼ାର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ସାଂସଦ ଶ୍ରୀ ଉଲ୍ଲାକା ଅସନ୍ତୋଷ ବ୍ୟକ୍ତ କରିବା ସହ ଯଥାଶୀଘ୍ର ମରାମତି ଓ ନିର୍ମାଣ କାମକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା ସମ୍ପର୍କରେ ବୈଠକରେ ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ ଉପସ୍ଥାପନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦିଶା କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।




# ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗ

**ବୋରିଗୁମ୍ମା, ୨୭।୨(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୋଟପାଡ଼ ଥାନା ଅଞ୍ଚଳରେ ୬ ବର୍ଷର ଜଣେ ଶିଶୁ କନ୍ୟାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାଟି ଜୟପୁର ମେଡିକାଲରେ ଚିକତ୍ସା ପରେ ଶିଶୁ ଭବନରେ ରଖା ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଶିଶୁକନ୍ୟାର ବାପା ଜଣେ ମିସ୍ତ୍ରୀ ହୋଇଥିବା ବେଳେ ସେ କାମକୁ ଯାଇଥିବା ଓ ମାଆ ଲୁଗା ସଫା କରୁଥିଲେ। ଶିଶୁ କନ୍ୟାଟି ଘର ବାହାରେ ଖେଳୁଥିବା ସମୟରେ ଜଣେ ଯୁବକ ମୋବାଇଲରେ କାର୍ଟୁନ ଦେଖାଇବା ବାହାନାରେ ନିଜ ଘରକୁ ଡ଼ାକିନେଇ ଶୌଚାଳୟ ଭିତରେ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମର ଶିକାର ପରେ ଶିଶୁ କନ୍ୟାଟି ନିଜ ମାଆକୁ ଜଣାଇଥିଲା ପରିବାର ଲୋକ ଏ ସମ୍ପର୍କରେ ଜାଣିବା ପରେ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଦୁଷ୍କର୍ମକାରୀ ଯୁବକ ଫେରାର ହୋଇଯାଇଛି। ଏଭଳି ଅମାନୁଷିକ କାଣ୍ଡ କରିଥିବା ଅଭିଯୁକ୍ତ ଯୁବକ ଜଣକ ଦୀପକ ହରିଜନ ବୋଲି ଜଣାପଡ଼ିଛି। ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କ ମାଆ ଏବଂ ବାପାକୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ସେପଟେ ପରିବାର ଲୋକେ ତୁରନ୍ତ ଅଭିଯୁକ୍ତ ଯୁବକକୁ ଗିରଫ ଦାବି କରିଛନ୍ତି।

# ବିଜେପିର କର୍ମୀ ସମ୍ମିଳନୀ

**ଉମରକୋଟ,୨୭।୨(ସମିସ):** ଉମରକୋଟ ପୌରପରିଷଦସ୍ଥିତ ୱାର୍ଡ ନଂ [illegible] ଦର୍ଗାଗୁଡ଼ାର ମାଳୀପାରାଠାରେ ଉମରକୋଟ ବିଜେପି ତରଫରୁ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ସୁରେଶ ଆଚାର୍ଯ୍ୟ, ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ଯୁବ ନେତା ସମାଜସେବୀ ମିଲୁ ପଣ୍ଡା ଓ ଦର୍ଗାଗୁଡ଼ା ମାଳୀପାରାର ବହୁ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍‌ର ପରିଦର୍ଶନ

**ନନ୍ଦପୁର,୨୭।୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ସଦରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରି ଫେରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ସହ ପରିମଳ ବ୍ୟବସ୍ଥା ପରିଖିଛନ୍ତି। ବିଗତ କିଛି ବର୍ଷତଳେ ସାମାନ୍ୟ ଜ୍ୱର କିମ୍ବା କାଶ ହେଲେ ଲୋକେ ଗୁଣିଗାରେଡ଼ିର ଶିକାର ହୋଇ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଥିବା ବେଳେ ବର୍ତ୍ତମାନ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟ ଡାକ୍ତର ଓ କର୍ମଚାରୀଙ୍କ ଉଦ୍ୟମ ଫଳରେ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ଆବଶ୍ୟକ ଔଷଧ, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ରହି ଆସିବା ସହ ଉତ୍ତମ ରୋଗୀ ସେବା ଯୋଗାଉଛନ୍ତି। ଫଳରେ ପ୍ରତିଦିନ ୨୪ ଘଣ୍ଟା ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସି ଚିକିତ୍ସିତ ହୋଇପାରିଛନ୍ତି। ସୋମବାର କାୟାକଳ୍ପ ଟିମର ଆରଆରଟି ସେଲଡା ଶୁଭ୍ରଜିତ୍ ଗରାବଡୁ, କନସଲଟାଣ୍ଟ ସୁଧାଂଶୁ ଶେଖର ସାମନ୍ତ, ୟୁନିସେଫ୍ କନ୍ସଲଟାଣ୍ଟ ଚକ୍ରଧର ସାହୁ, କୋରାପୁଟର ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାଥୋଲୋଜୀ ଲ୍ୟାବ, ବହିଃବିଭାଗ, ନିରାମୟ, ମା' ଗୃହ ଓ ପରିମଳ ବ୍ୟବସ୍ଥା ସବୁ ଦେଖିବା ସହ ବିଭାଗୀୟ ଡାକ୍ତର ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦ୍ରୁବରାଜ ମୁର୍ମୁ, ଡା. ଅମିତ କୁମାର ସାହୁ, ସ୍ୱପ୍ନଜାରାଣୀ ପ୍ରଧାନ, ଏସ୍‌କେ ହେଦଉଲ୍ଲା, ସନ୍ଦୀପ ପଣ୍ଡା, ପ୍ରକାଶ ପତି, ମାନସ ରଞ୍ଜନ ଦାସ, ମୀନକେତନ ପଟ୍ଟନାୟକ, ବିପିଏମ୍‌ଓ ରାଜଲକ୍ଷ୍ମୀ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।



# ବ୍ଲକ୍‌ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ







**ସେମିଲିଗୁଡ଼ା,୨୭।୨(ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ ଏସ୍‌ଏମସି, ଛାତ୍ରଛାତ୍ରୀ, ପଞ୍ଚାୟତ ଓ ଆଲୁମନିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ସେମିଲିଗୁଡ଼ା ବ୍ଲକର ୧୦୧ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ, ନେତୃତ୍ୱ ଓ ଦକ୍ଷତାରେ ୩୩ ଜଣ ଏବଂ ଷ୍ଟୁଡେଣ୍ଟ ଲେଭେଲ୍ ଏକାଡେମିକରେ ଜଣକୁ ପୁରସ୍କୃତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସେମିଲିଗୁଡ଼ା ବ୍ଲକର ସରକାରୀ ହାଇସ୍କୁଲ, ସରକାରୀ ଏସ୍‌ଏସଡି ହାଇସ୍କୁଲ ରେଙ୍ଗା ଓ ସରକାରୀ ହାଇସ୍କୁଲ ଦୁଧାରୀ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଖଜୁରୀଗୁଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଗୁଣ୍ଡାଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ତିନି ପ୍ରାଥମିକ ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସରକାରୀ ହାଇସ୍କୁଲ ଜଙ୍ଗରଡ଼ା ଶ୍ରେଷ୍ଠ ଆଲୁମନି। ସେମିଲିଗୁଡ଼ା ସରକାରୀ ହାଇସ୍କୁଲକୁ ଶ୍ରେଷ୍ଠ ଏସ୍‌ଏମସି ପୁରସ୍କାର ମିଳିଛି। ଦଳେଇଗୁଡ଼ାକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ମିଳିଛି। ଉଚ୍ଚ ବିଦ୍ୟାଳୟସ୍ତରରେ ସରକାରୀ ହାଇସ୍କୁଲ ସେମିଲିଗୁଡ଼ାର ବିଷ୍ଣୁପ୍ରିୟା ସାମନ୍ତସିଂହାରଙ୍କୁ ଶ୍ରେଷ୍ଠ ପ୍ରଧାନଶିକ୍ଷୟିତ୍ରୀ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଳ ମାନିଆର ସସ୍ମିତା ନାୟକଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ଜୟପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ସଭାପତିତ୍ୱ କରିଥିବାବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ପଟାଙ୍ଗି ବିଧାୟକ ପୀତମ ପାଢ଼ି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଯାନୀ, ସିଡିଓ ଦୟାମୟ ପାଢ଼ୀ, ଆଇଟିଡିଏ ପିଏ ପ୍ରଣୟ ରଞ୍ଜନ ବେହେରା, ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ରାମ ଚନ୍ଦ୍ର ନାହାକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅଧ୍ୟକ୍ଷ ରୂପ ଚନ୍ଦ୍ର ସୋରେନ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ସମ୍ମାନ ପାଇଥିବା ୧୪୫ ଜଣଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ପ୍ରଦାନ କରାଯାଇଛି।

**ରାମନାଗୁଡ଼ା :** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ରାୟଗଡ଼ ସ୍ଥିତ ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ଜଗନ୍ନାଥ ସାରକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ବିଭାଗର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଏଲିମେଣ୍ଟାରୀ ଶିକ୍ଷକଙ୍କ ମଧ୍ୟରେ ରାମନାଗୁଡ଼ା ବ୍ଲକର ଶ୍ରେଷ୍ଠ ଶିକ୍ଷକ ଭାବେ ଲିମାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଦେବୀ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ପାଇବା ଖବର ପରେ ଲିମାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ରାମନାଗୁଡ଼ା ଶିକ୍ଷକ ମହଲରେ ଖୁସିର ମାହୋଲ ସୃଷ୍ଟି ହୋଇଯାଇଛି। ସୋମବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରପନ୍ନ ତ୍ରିପାଠୀ, ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହ ସ୍ଥାନୀୟ ଗ୍ରାମବାସୀ ଓ ବିଦ୍ୟାଳୟର ପୁରାତନ ଛାତ୍ର ଚିନ୍ମୟ ରଥ, ହରପ୍ରସାଦ ରଥ, ଆଦିତ୍ୟ ନାରାୟଣ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଗୁଣୁପୁର:** ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ଶିକ୍ଷୟିତ୍ରୀ ରଜନୀରାଣୀ ମିଶ୍ର। ରବିବାର ରାୟଗଡ଼ା ଜିସିଡି ହାଇସ୍କୁଲ ପଡ଼ିଆଠାରେ ହୋଇଥିବା କାର୍ଯ୍ୟକ୍ରମରେ ଗୁଣୁପୁର ସହର ଶଶିଭୂଷଣ ପେଣ୍ଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଜନୀଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରଦା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟ ଲୋକପ୍ରତିନିଧିଙ୍କ ସମେତ ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

● ବ୍ଲକସ୍ତରୀୟ ଜନଶୁଣାଣି ଶିବିର

# ୭୦ ମୃତ ହିତାଧିକାରୀଙ୍କ ନାମରେ ଚାଉଳ ପ୍ରଦାନ ଅଭିଯୋଗ

**କୋରାପୁଟ, ୨୭।୨(ସମିସ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ସଦର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଣାଣି କରାଯାଇଥିଲା। ମନରେଗାରେ ୪ ଟି ପ୍ରକଳ୍ପ ନିମନ୍ତେ ସୂଚନା ଫଳକ ଲାଗିଥିବା ବେଳେ ବୋର୍ଡ ବାବଦରେ ଅର୍ଥ ପ୍ରଦାନ କରାଯାଇଥିବା ୨ଟି ପ୍ରକଳ୍ପର ବିଲ ନ ହୋଇ ଅର୍ଥ ପ୍ରଦାନ କରାଯାଇଥିବା ଜନଶୁଣାଣିରୁ ଜଣା ପଡ଼ିଥିବା ଜିଲ୍ଲା ସାମାଜିକ ସମୀକ୍ଷକ ଅନୀଲ କୁମାର ମହାରଣା କହିଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମଧ୍ୟ ଅନିୟମିତତା ହୋଇଥିବା ଜଣାପଡ଼ିଛି। ୭୦ ଜଣ ହିତାଧୀକାରୀ ମୃତ୍ୟୁବରଣ କରିଥିଲେ ସୁଦ୍ଧା ସେମାନଙ୍କ ନାମରେ ଚାଉଳ ପ୍ରଦାନ କରାଯାଇଥିବା ଅଭିଯୋଗ ଆସିଥିଲା। ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ବିଡିଓ ଦେବାଶିଷ ଗୌଡ, ମନରେଗା ଲୋକପାଳ ନଳିନୀ ଟାକ୍ରୀ, ଜିଲ୍ଲା ସାମାଜିକ ସମୀକ୍ଷକ ଶ୍ରୀ ମହାରଣା ପ୍ରମୁଖଙ୍କ ସହ କ୍ଷେତ୍ର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମନରେଗା ଏପିଓ ସନ୍ତୋଷୀ ମହାପାତ୍ର ଯୋଗଦେଇ ପରିଚାଳନା କରିଥିବା ବେଳେ କୋରାପୁଟ ବ୍ଲକ ସାମାଜିକ ସମୀକ୍ଷକ ସୁଶାନ୍ତ ଖିଲ ପରିଚାଳନାରେ ସହଯୋଗ କରିଥିଲେ।

# ଡଙ୍ଗରଛିଞ୍ଚି ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର



**ଜୟପୁର,୨୭।୨(ସମିସ):** ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୟପୁର ରୋଟାରୀ କ୍ଲବ ପକ୍ଷରୁ ଏକ ଜନସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ଡା. ବି. ଜିତେନ୍ଦ୍ର ଏବଂ ଡା. ସତିଶ ଚନ୍ଦ୍ର ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟତଃ ରୋଟାରୀ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଅଞ୍ଜନି ଅଗ୍ରୱାଲ, ରାମ ଅବତାର ଗୁପ୍ତା, ଏ. ରାମକ୍ରିଷ୍ଣା, ପି. କିଶୋର, ନରେଶ ମାଟାନିଆ, ଶ୍ୟାମ ଜୁମାନୀ, ଏସ୍ ଇଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

